ODIA DAILY EDITION
09.06.2025
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨ .00
ଜୁନ-୦୯, ୨୦୨୫
ବର୍ଷ-୩୬, ସଂଖ୍ୟା-୩୩୧
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication
SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews

## ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୮।୬:** ଲୋକସେବା ଭବନର କନଭେନସନ ସେଂଟରଠାରେ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କୁ ନେଇ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି । ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣର ଉପଯୋଗରେ ବ୍ୟାପକ ନିବେଶ ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପପତିଙ୍କ ସହ ଆଲୋଚନା ହେଲା । ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା । ୧୩ ଲକ୍ଷ କୋଟି ଟଙ୍କାର ଏମଓୟୁ ହୋଇଥିଲା । ଗ୍ରାଉଣ୍ଡ ବ୍ରେକିଂ ହୋଇଛି କି ନାହିଁ, ନା କେବଳ ଏମଓୟୁ ହେଉଛି ପୂର୍ବ ସରକାର ଭଳି ତାକୁ ନେଇ ପ୍ରଶ୍ନ ଉଠିଥିଲା । ଏମଓୟୁ ହେଲା ପରେ ଗ୍ରାଉଣ୍ଡ ବ୍ରେକିଂ କ୍ଷେତ୍ରରେ ବିଜେପି ସରକାର ସଫଳ ହୋଇଛି । ଖୋର୍ଦ୍ଧାରେ ୬ ହଜାର କୋଟିର ଗ୍ରାଉଣ୍ଡ ବ୍ରେକିଂ ହୋଇଛି ଏବଂ ୩୦ ହାଜର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ, କଳିଙ୍ଗ ନଗରରେ ଲକ୍ଷାଧିକ କୋଟି ଟଙ୍କାର ୧୪ଟି କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି, ଢେଙ୍କାନାଳରେ ଶିଳ୍ପ ପାଇଁ ଗ୍ରାଉଣ୍ଡ ବ୍ରେକିଂ ହେଲା, ଗଞ୍ଜାମ ଛତ୍ରପୁର ଠାରେ ୧୨ଟି କମ୍ପାନୀ ସହ ଏମଓୟୁ ସାଇନ୍ ହେଲା । ଉତ୍କର୍ଷ ଓଡ଼ିଶାର ମାତ୍ର ୪ ମାସ ଭିତରେ ୪ଟି ସ୍ଥାନରେ ୫୬ ଶିଳ୍ପର ଗ୍ରାଉଣ୍ଡ ବ୍ରେକିଂ ହୋଇ ୧.୭୮ ଲକ୍ଷ କୋଟିର ପୁଞ୍ଜିନିବେଶ ଆସିଲା , ୧ ଲକ୍ଷ ୧୦ ହାଜର ଯୁବକ ପାଇବେ ରୋଜଗାର । ବର୍ଷେ ଭିତରେ ୨୦୬ ଶିଳ୍ପକୁ ଅନୁମୋଦନ । ୫ ବର୍ଷ ଭିତରେ ଯାହା ହୋଇନଥିଲା, ଗୋଟିଏ ବର୍ଷ ଭିତରେ ହୋଇଛି । ଖଣି, ଧାତୁ,

- ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା
- ବର୍ଷେ ଭିତରେ ୨୦୬ ଶିଳ୍ପକୁ ଅନୁମୋଦନ
- ୫ ବର୍ଷ ଭିତରେ ଯାହା ହୋଇନଥିଲା, ଗୋଟିଏ ବର୍ଷ ଭିତରେ ହୋଇଛି
- ୫ ବର୍ଷ ଭିତରେ ଯାହା ହୋଇନଥିଲା, ଗୋଟିଏ ବର୍ଷ ଭିତରେ ହୋଇଛି




କେମିକାଲ, ବସ୍ତ୍ର, ଇଲେକ୍ଟ୍ରୋନିକ୍ସ, ପର୍ଯ୍ୟଟନ ଓ ଟେକ୍ନୋଲଜି କ୍ଷେତ୍ରରେ ଶିଳ୍ପ କରିବା ପାଇଁ ଯୋଜନା ରହିଛି । ୨୦୩୬ ସମୃଦ୍ଧ ଓଡ଼ିଶା ପାଇଁ ଭିତ୍ତି ସ୍ଥାନ ହୋଇଛି । ଓଡ଼ିଶା ।ଇଁ ଭଲ ସମୟ ଆସୁଛି । ଶିଳ୍ପ ଭିତ୍ତିଭୂମି, ରେଳ, ରୋଡ଼ ଭିତ୍ତିଭୂମି, ୩ ବନ୍ଦରର କାପାସିଟି ବୃଦ୍ଧି, ଆଉ ୩ଟି ବନ୍ଦର ବିକଶିତ କରିବା ପାଇଁ ଆଗକୁ ପଦକ୍ଷେ ନିଆଯିବ । କିଛି ଜେଟି ଉନ୍ନତି ।ଇଁ ମଧ ପଦକ୍ଷେ ନିଆଯିବ । ଆଗାମୀ ୫ ବର୍ଷ ଭିତରେ ଲକ୍ଷ୍ୟ ଠାରୁ ବି ଅଧିକ କାମ ହେବ । ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା ।

## ପାଣିଟାଙ୍କି କାମ କରୁଥିବା ବେଳେ ୩ ଶ୍ରମିକଙ୍କର ମୃତ

**ସୋର, ୦୮।୦୬ :** ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଝିଙ୍କିରିଆ ପଞ୍ଚାୟତ ଗଗନଧୂଳି ଗାଁରେ ଅଘଟଣ । ପାଇଖାନା ଟାଙ୍କି କାମ କରୁଥିବା ବେଳେ ତିନି ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ବିଦ୍ୟୁତ ଆଘାତରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଖବର ଅନୁଯାୟୀ, ଗଗନଧୂଳି ଗାଁର ବାପି ମାଝୀଙ୍କର ପାଇଖାନା ଟାଙ୍କି କାମ ହେଉଥିଲେ। ଏହି ସମୟରେ ହଠାତ୍ ସମସ୍ତ ଶ୍ରମିକ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଯାହାଫଳରେ ଶ୍ରମିକମାନେ ଅଚେତ ହୋଇ ପଡିଯାଇଥିଲେ । ଘଟଣାସ୍ଥଳରୁ ସମେତ ଶ୍ରମିକଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକଙ୍କ ମଧ୍ୟରେ ବାବାଜୀ ମାଝି ଓ ବାପି ମାଝୀ ହୋଇଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ ।

## ହାତୀ ଆକ୍ରମଣରେ ମହିଳା ମୃତ

**ଦେବଗଡ଼, ୮।୬:**ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଆଉଁଳୀ ଗ୍ରାମରେ ଆଜି ଜଣେ ମହିଳାଙ୍କୁ ହାତୀ କଚାଡ଼ି ଦେଇଛି । ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳାଙ୍କ ନାମ କଳାବତୀ ପ୍ରଧାନ (୫୫) ।

ରିଆମାଳ: ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଆଉଁଳୀ ଗ୍ରାମରେ ଆଜି ଜଣେ ମହିଳାଙ୍କୁ ହାତୀ କଚାଡ଼ି ଦେଇଛି । ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳାଙ୍କ ନାମ କଳାବତୀ ପ୍ରଧାନ (୫୫) ।

ବାରମ୍ବାର ଉକ୍ତ ଅଞ୍ଚଳରେ ହାତୀ ଆକ୍ରମଣରେ ମଣିଷ ମୃତ୍ୟୁ ଘଟୁଥିବା ବେଳେ ବନ ବିଭାଗ ନୀରବ ରହି ଆକ୍ରମଣ କରୁଥିବା ହାତୀ ମାନଙ୍କୁ ଟ୍ରାଙ୍କୁଲାଇଜର କରୁ ନ ଥିବାରୁ ସ୍ଥାନୀୟ ଜନସାଧାରଣ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯେ ପର୍ଯ୍ୟନ୍ତ ମୃତକ ପରିବାରକୁ କ୍ଷତି ପୂରଣ ସହିତ ମୃତକଙ୍କ ପୁଅଙ୍କୁ ଚାକିରି ନ ଦିଆଯାଇଛି । ସେ ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ପାଇଁ ମୃତକ ମହିଳାଙ୍କୁ ଛାଡ଼ିଦିଆଯିବ ନାହିଁ ବୋଲି ମୃତକ ସ୍ୱାମୀ କୈଳାସ ପ୍ରଧାନ ଓ ଗ୍ରାମବାସୀ ଦାବି କରିଛନ୍ତି ।

## ନୂଆ ଢାଞ୍ଚାରେ ତିଆରି ହେବ ଲୋକସେବା ଭବନ ଓ ବିଧାନସଭା

**ଭୁବନେଶ୍ୱର, ୮।୬:** ସରକାର ବିକଶିତ ଓଡ଼ିଶାଅ୨୦୩୬କୁ ଲକ୍ଷ୍ୟ ରଖି ବିଭିନ୍ନ ଉନ୍ନୟନମୂଳକ କାର୍ଯ କରୁଛନ୍ତି । ରାଜ୍ୟର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବାକୁ ଚାହୁଁଛନ୍ତି । ଏହି କ୍ରମରେ ସରକାର ନୂଆନୂଆ ପଦକ୍ଷେପ ହାତକୁ ନେଇଛନ୍ତି । ରାଜ୍ୟର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବାକୁ ଚାହୁଁଛନ୍ତି । ଏହି କ୍ରମରେ ସରକାର ନୂଆନୂଆ ପଦକ୍ଷେପ ହାତକୁ ନେଇଛନ୍ତି । ନୂଆଦିଲ୍ଲୀର 'ଭାରତ ମଣ୍ଡପମ୍' ଭଳି ଓଡ଼ିଶାରେ ମଧ ବିଶ୍ୱସ୍ତରୀୟ 'ସମ୍ମିଳନୀ କକ୍ଷ'ର ନିର୍ମାଣ ପାଇଁ ସରକାର ପରିକଳ୍ପନା କରିଛନ୍ତି । ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଏନେଇ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।ନୂଆ ଢାଂଚାରେ ତିଆରି ହେବ ଲୋକସେବା ଭବନ ଓ ବିଧାନସଭା । ପୁରୁଣା ବିଲ୍ଡିଂର ରୂପରେଖ ବଦଳା ଯିବା ନେଇ ବିଚାର ଚାଲିଥିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସେହିପରି ଭୁବନେଶ୍ୱରରେ ତିଆରି ହେବ ଓଡିଶା ମଣ୍ଡ । ଚନ୍ଦ୍ରଶେଖରପୁରରେ ଜାଗା ଚିହ୍ନଟ ହୋଇଛି । ଏହା ମଲ୍ଟି କନଭେନସନ ସେଂଟର ହେବ । ଲୋକଙ୍କ ରହଣି ସହ ୧୦ ହଜାର ଲୋକ ବସିବାର ସୁବିଧା ରହିବ । ରାଜ୍ୟରେ ଡିଜାଷ୍ଟର ରିଲିଡେଂଟ ବିଲଡିଙ୍ଗ ତିଆରି ହେବ । ସମୟ ସୀମା ଭିତରେ ସବୁ ବିଲଡିଂ କାମ ସରିବ ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ । ନୂଆ ଟେକ୍ନୋଲୋଜି ଜରିଆରେ କେମିତି କମ ଖର୍ଚ୍ଚରେ ହେବ ଏ ନେଇ ଆଇବିସି ସହ ଆଲୋଚନା ହୋଇଛି । ନୂଆ ଇଞ୍ଜିନିଅରଙ୍କୁ ଏ ନେଇ ଟ୍ରେନିଂ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ତେଣୁ ନୂଆ ପ୍ରୋଜେକ୍ଟକୁ ସଠିକ୍ ସମୟରେ ସାରିବାକୁ ସରକାର ଫୋକସରେ ରଖିଛନ୍ତି ।

## ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଜାତିସଂଘ ସାସାକାୱା ପୁରସ୍କାର



**ଭୁବନେଶ୍ୱର, ୮।୬:** : ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର-୨୦୨୫ ପାଇଛନ୍ତି । ଭାରତୀୟ ପାଣିପାଗ ବିଭାଗର ସରକାରୀ ଏକ୍ସ ହ୍ୟାଣ୍ଡେଲ ଶୁକ୍ରବାର ଏହି ଖବର ଘୋଷଣା କରିଛି । ପୋଷ୍ଟରେ ଲେଖାଯାଇଛି, 'ଭାରତକୁ ଅଭିନନ୍ଦନ!! ଦେଶ ପାଇଁ ଗର୍ବର ମୁହୂର୍ତ୍ତ!! ଭାରତୀୟ ପାଣିପାଗ ବିଭାଗର ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର-୨୦୨୫ ପାଇଛନ୍ତି! ବିଶ୍ୱ ବିପର୍ଯ୍ୟୟ ବିପଦ ହ୍ରାସ ପ୍ରୟାସରେ ଏକ ପ୍ରମୁଖ ପଦକ୍ଷେପ!'

## ଅଣ୍ଡରଗ୍ରାଉଣ୍ଡରେ ଦୌଡ଼ିବ ଭୁବନେଶ୍ୱର ମେଟ୍ରୋ ଟ୍ରେନ୍: ପୂର୍ତ୍ତମନ୍ତ୍ରୀ

**ଭୁବନେଶ୍ୱର, ୮।୬:** ରାଜ୍ୟ ସରକାର ଭୁବନେଶ୍ୱରର ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖିବାକୁ ଚାହୁଁଛନ୍ତି । ଭୁବନେଶ୍ୱରର ସୌନ୍ଦର୍ଯ୍ୟରେ ଯେଭଳି କେ?ଣସି ପ୍ରକାରର ବାଧା ନପହୁଞ୍ଚିବ, ତାକୁ ଦୃଷ୍ଟିରେ ରଖି ନିର୍ମାଣ କାମ ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ବହୁପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପ ନେଇ ରାଜ୍ୟ ସକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ରାଜଧାନୀ ସହରରେ ଇଲେଭେଟେଡ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ । ବରଂ ପ୍ରଶାସନ ବର୍ତ୍ତମାନ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ସଂପ୍ରସାରଣ କରିବା ପାଇଁ ଯୋଜନା ଉପରେ କାର୍ଯ୍ୟ କରୁଛନ୍ତି । ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଗଣମାଧ୍ୟମର ପ୍ରତିନିଧିଙ୍କୁ ମନ୍ତ୍ରୀ କହିଛନ୍ତି, ବିଭିନ୍ନ ଲଜିଷ୍ଟିକ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ଭୁବନେଶ୍ୱର ପାଇଁ ଇଲେଭେଟେଡ ମେଟ୍ରୋ ରେଳକୁ ପ୍ରତ୍ୟାଖ୍ୟାନ କରାଯାଇଛି । ସହରର



ଭୂଦୃଶ୍ୟ ଏବଂ ଟ୍ରାଫିକ ଭିଡ଼ ଇଲେଭେଟେଡ ମେଟ୍ରୋକୁ ସମର୍ଥନ କରୁନାହିଁ । ଆମେ ଏବେ ମାଟିତଳେ ମେଟ୍ରୋ ରେଳ ବ୍ୟବସ୍ଥା ସହ ଆଗକୁ ବଢ଼ୁଛୁ । ପ୍ରସ୍ତାବିତ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଏକ ନୂତନ ରୁଟ ନିର୍ଦ୍ଧାରଣ କରାଯାଇ ନାହିଁ । ନଗର ଉନ୍ନୟନ ବିଭାଗକୁ ଏନେଇ ଅନୁରୋଧ କରାଯାଇଛି ଏବଂ ସର୍ଭେ ପାଇଁ କିଛି ସମୟ ଲାଗିବ ।

ଇଲେଭେଟେଡ ମେଟ୍ରୋ କରିଡର ଭୁବନେଶ୍ୱର ଏବଂ ଏହାର ଆଖପାଖର ସୌନ୍ଦର୍ଯ୍ୟକୁ କ୍ଷତି କରିବ । ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା କିପରି କାର୍ଯ୍ୟକାରୀ ହେବ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା କେଉଁ ସର୍ଭେ କରାଯିବ । ପରବର୍ତ୍ତୀ ସମୟରେ, ଓଡ଼ିଶା ସରକାର ମୂଳତଃ ଅନୁମୋଦନ ନେବା ନିଷ୍ପତ୍ତି ନେବ," ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗ ଏହି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଗୁଆ କାମ ଆରମ୍ଭ କରିଛି । ପ୍ରସ୍ତାବିତ ମାଟିତଳେ ରେଳ ପ୍ରକଳ୍ପ ପାଇଁ ସବୁଠାରୁ ଉପଯୁକ୍ତ ରୁଟ ଏବଂ ଭିତ୍ତିଭୂମି ଆବଶ୍ୟକତା ମୂଲ୍ୟାଙ୍କନ କରିବା ପାଇଁ ସମ୍ଭାବ୍ୟତା ଅଧ୍ୟୟନ ଏବଂ ବୈଷୟିକ ବିଶେଷଜ୍ଞ ଏବଂ ହିତାଧିକାରୀମାନଙ୍କ ସହ ପରାମର୍ଶ ଚାଲିଛି ।

### ଭୁବନେଶ୍ୱରରେ ହେବ ନାହିଁ ଏଲି ଭେଟେଡ଼୍ ମେଟ୍ରୋ

**ଭୁବନେଶ୍ୱର, ୮।୬:** ଭୁବନେଶ୍ୱରରେ ହେବ ନାହିଁ ଏଲି ଭେଟେଡ଼୍ ମେଟ୍ରୋ । ଏଥିପାଇଁ ନୂଆ ଆଲାଇନ ମେଂଟ ତିଆରି କରିବ ନଗର ଉନ୍ନୟନ ବିଭାଗ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ତେବେ ଏଥିପାଇଁ ସର୍ଭେ ହେବା ପାଇଁ ସମୟ ଲାଗିବ । ଏଲି ଭେଟେଡ଼୍ ମେଟ୍ରୋ ହେଲେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବ । ଏହାକୁ ଦୃଷ୍ଟିରେ ରଖି ଅଣ୍ଡର ଗ୍ରାଉଣ୍ଡ ମେଟ୍ରୋ କରିବାକୁ ଯୋଜନା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ହେବ ଗେଷ୍ଟ୍ ହାଉସ୍: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୮।୬:** ଏଣିକି ରାଜଧାନୀ ଆସିଲେ ରହିବା ପାଇଁ ଆଉ ହଇରାଣ ହେବାକୁ ପଡ଼ିବନି । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ପ୍ରତିକ୍ରିୟା, ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ରାଜଧାନୀରେ ହେବ ଗେଷ୍ଟ୍ ହାଉସ୍ । ସେ କହିଛନ୍ତି , ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତି । ଏହା ସହ ଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇବା ପାଇଁ ମଧ ଏଠାକୁ ଆସନ୍ତି । ଏଠି ରହିବା ପାଇଁ ସେମାନେ ହୋଟେଲ୍ କିମ୍ବା ଅନ୍ୟା ଜାଗାରେ ରହିବା ପାଇଁ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି । ତେଣୁ ଲୋକଙ୍କ ସୁବିଧା ପାଇଁ ଗେଷ୍ଟ୍ ହାଉସ ପ୍ରସ୍ତୁତ ହେବ । ଯାହା ଦ୍ୱାରା ଲୋକ ସୁବିଧାରେ ରହି ନିଜ ଆବଶ୍ୟକୀୟ କାମ କରିପାରିବେ । ପ୍ରତି ଜିଲ୍ଲା ପାଇଁ ୧୦୦ କୋଠରୀ ବିଶିଷ୍ଟ ଗେଷ୍ଟ୍ ହାଉସ୍ ହେବ । ୩୦ ଜିଲ୍ଲା ପାଇଁ ୩୦୦୦ କୋଠରୀ । ପ୍ରତି ଜିଲ୍ଲା ନାଆଁ ରେ ଏହାକୁ ନାମିତ କରାଯିବ ।



ରାଜଧାନୀ ଆସିଲେ ରହିବାକୁ ହେବେ ନାହିଁ ହଇରାଣ

## ରାଜ୍ୟରେ ବୃଦ୍ଧି ପାଉଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା

### ୭ ନୂଆ କୋଭିଡ ପଜିଟିଭ୍ ଚିହ୍ନଟ

### କଟକ ଜିଲ୍ଲାରେ ମାସକରେ ୨୨ କୋଭିଡ୍ ପଜିଟିଭ୍ ଚିହ୍ନଟ

**ଭୁବନେଶ୍ୱର, ୮।୬:** ରାଜ୍ୟରେ ପୁଣି ଜଣ ଲୋକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଏଥି ସହିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୯ରେ ପହଞ୍ଚି ଥିବା ବେଳେ ସେଥିରୁ ୧୫ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩୪ ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଆଜି ଏନେଇ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ।

ବର୍ତ୍ତମାନ ସୁଦ୍ଧା କଟକ ଜିଲ୍ଲାରେ ୨୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି । ଏମାନଙ୍କ ମଧ୍ୟରୁ ୫ ଜଣ ହସ୍ପିଟାଲରେ ଥିବା ବେଳେ ବାକି ୧୭ ଜଣ ହୋମ କ୍ୱାରେଣ୍ଟାଇନରେ ଅଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, କଟକରେ ଭୟାବହ ପରିସ୍ଥିତି ନାହିଁ । ଲକ୍ଷଣ ଥିଲେ ଘରେ ରୁହନ୍ତୁ, ମାସ୍କ ପିନ୍ଧନ୍ତୁ, ଭିଡ଼ ଭିତରକୁ ଯାଆନ୍ତୁ ନାହିଁ, ଚିକିତ୍ସା କରାନ୍ତୁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଛନ୍ତି ।

ଏଣେ ଭାରତରେ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ବର୍ତ୍ତମାନ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬ ହଜାର ମୁହାଁ ହୋଇଛି । ସକ୍ରିୟ ସଂକ୍ରମଣ ମାମଲା ୫ ହଜାର ୭୫୫ ରେ ପହଞ୍ଚିଛି ।କେରଳରେ ସର୍ବାଧିକ ୧୮୦୬ ଟି ମାମଲା ଚିହ୍ନଟ ହୋଇଥିବା ବେଳେ ଗୁଜରାଟରେ ୭୧୭, ଦିଲ୍ଲୀରେ ୬୬୫ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ୫୭୭ ରହିଛି । ସେହିପରି କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଯଥାକ୍ରମେ ୪୪୪ ଏବଂ ୨୮୮ ମାମଲା ଚିହ୍ନଟ ହୋଇଥିବା ବେଳେ ତାମିଲନାଡୁରେ ୨୦୮ ଟି ମାମଲା ଚିହ୍ନଟ କରିଛି ସ୍ୱାସ୍ଥ୍ୟ ବିଭାଗ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାର ମୁକାବିଲା ଲାଗି ରାଜ୍ୟମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ସିଲିଣ୍ଡର ଗଚ୍ଛିତ ରଖିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି । ହାତ ସାନିଟାଇଜ କରିବା, କାଶ କିମ୍ବା ଛିଙ୍କ ହେଲେ ରୁମାଲ ବା ମାସ୍କ ବ୍ୟବହାର କରିବା, ଶରୀର ଅସୁସ୍ଥ ଥିଲେ ଭିଡ଼ଠୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ମନ୍ତ୍ରାଳୟ । ସେହିପରି ଶ୍ୱାସଜନିତ ସମସ୍ୟା କିମ୍ବା ଅସୁସ୍ଥ ଅନୁଭବ କଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ପରାମର୍ଶ ଦିଆଯାଇଛି । ଅଯଥା ଗୁଜବକୁ ବିଶ୍ୱାସ ନକରିବାକୁ କହିଛି ମନ୍ତ୍ରାଳୟ । ସେପଟେ ସମସ୍ତ ରାଜ୍ୟକୁ ଆବଶ୍ୟକୀୟ ପରିମାଣର ଅକ୍ସିଜେନ ମହଜୁଦ ରଖିବା ସହ ମେଡ଼ିକାଲ ବେଡ, ଭେଣ୍ଟିଲେଟର, ଆବଶ୍ୟକୀୟ ପରିମାଣର ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ ।

| | |
|---|---|
| ସେନ୍‌ସେକ୍ସ | ୮୨,୧୮୮ |
| ନିଫ୍ଟି | ୨୫,୦୦୩ |
| ସୁନା/୧୦ଗ୍ରା | ୯୯,୭୯୦ |
| ରୂପା/କିଗ୍ରା | ୧,୦୦,୪୦୫ |
| ଡଲାର | ୮୫.୭୯ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୭.୨° |
| କଟକ: | ୩୬.୩° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୪.୪° |
| କଟକ: | ୨୪.୭° |

### ହାଲ୍‌ଚାଲ୍



ଦେଶରେ ବଢୁଛି କୋଭିଡ୍
ସାଙ୍ଗକୁ ଅସହ୍ୟ ଗରମ
ସ୍ୱାସ୍ଥ୍ୟ ବିଭାଗର ସଜାଗ
ମୁଖ୍ୟମନ୍ତ୍ରୀଙ୍କର ଘୋଷଣା
୫୦୦ ବିଲିୟନ ହେବ
ଅର୍ଥନୀତିରେ ଓଡ଼ିଶା

## ପୁଲିସ ଇନଫର୍ମର ଦର୍ଶାଇ ହତ୍ୟା କଲେ ମାଓବାଦୀ



**ମାଲକାନଗିରି, ୮।୬:** ସୀମାନ୍ତ ଛତିଶଗଡରେ ନକ୍ସଲ ହଂସା ଦେଖିବାକୁ ମିଳିଛି । ଦୁର୍ଦ୍ଦାନ୍ତ ମାଓ ନେତା ହିଡ଼ମାଙ୍କ ନିଜ ଗାଁ ପୂବର୍ତ୍ତିରେ ସଂଗଠନର ସଦସ୍ୟମାନେ ଜଣକୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ।

ଘଟଣା ଅନୁଯାୟୀ ଗତକାଲି ରାତିରେ ୧୦ରୁ ୧୫ ମାଓବାଦୀ ପୂବର୍ତ୍ତୀ ଗାଁରେ ପହଞ୍ଚିଥିଲେ । ଗାଁର ଜଣେ ବ୍ୟକ୍ତିକୁ ପୁଲିସ ଇନଫର୍ମର ଦର୍ଶାଇ ଧାରୁଆ ଅସ୍ତ୍ରରେ ତାର ବେକ କାଟି ଦେଇଥିଲେ । ଗ୍ରାମବାସୀ ଯେତେ ନେହୁରା ହୋଇଥିଲେ ମଧ ନକ୍ସଲ ଛାଡ଼ି ନଥିଲେ ।

ତେବେ ଗତକାଲି ହିଡମାର ଏକ ଫଟୋ ଭାଇରାଲ ହେବା ପରେ ନକ୍ସଲ ହଂସାତ୍ମକ ହୋଇପଡିଥିବା କୁହାଯାଇଛି । ହୁଏତ ଏହି ଗାଁର କେହି ଏହି ଫଟୋକୁ ଭାଇରାଲ କରିଥାଇ ପାରେ ବୋଲି ଅନୁମାନ କରି ହତ୍ୟା କରାଯାଇଥିବ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ସୂଚନା ପାଇଛି । ସୁରକ୍ଷାକର୍ମୀ ଏହି ଜଂଗଲକୁ ଘେରିବା ସହ ସର୍ଚ୍ଚ ଅପରେସନ ଜୋରଦାର କରିଛି ।

## ଅସହ୍ୟ ଗ୍ରୀଷ୍ମ ପ୍ରବାହ, ୪୩ ଡିଗ୍ରି ପହଞ୍ଚିପାରେ ତାତି

**ଭୁବନେଶ୍ୱର, ୮।୬:** ରାଜଧାନୀରେ ଖରା ସାଙ୍ଗକୁ ମେଘୁଆ ପାଗ ପରିଲକ୍ଷିତ ହେଉଛି । ତେବେ ରାଜ୍ୟରେ ଅନୁଭୂତ ହେଉଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ । ଆଜି ୪୩ ଡିଗ୍ରି ପହଞ୍ଚିପାରେ ତାତି ବୋଲି ଅନୁମାନ କରାଯାଉଛି । ସୁନ୍ଦରଗଡ଼, ଦେବଗଡ଼, ନୟାଗଡ଼, ସୋନପୁର ଆଦି ଜିଲ୍ଲାରେ ଆଜି ୪୨ ଡିଗ୍ରି ପାରଦ ପହଞ୍ଚିବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ସେହିପରି ପଶ୍ଚିମ ଓଡ଼ିଶାରେ ଅନ୍ୟ କିଛି ଜିଲ୍ଲାରେ ୪୦ ଡିଗ୍ରି ଉପରେ ରହିପାରେ ତାପମାତ୍ରା । ଏହାସହ ଉପକୂଳ ଓଡ଼ିଶାର ମଧ ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ।

ରାଜ୍ୟରେ ଅନୁଭୂତ ହେଉଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ । ଆଜି ୪୩ ଡିଗ୍ରି ପହଞ୍ଚିପାରେ ତାତି ବୋଲି ଅନୁମାନ କରାଯାଉଛି । ସୁନ୍ଦରଗଡ଼, ଦେବଗଡ଼, ନୟାଗଡ଼, ସୋନପୁର ଆଦି ଜିଲ୍ଲାରେ ଆଜି ୪୨ ଡିଗ୍ରି ପାରଦ

### ରାଜ୍ୟର କିଛି ଜିଲ୍ଲାରେ ଗରମ ଓ ଗୁଳୁଗୁଳି ନେଇ ଚେତାବନୀ

### ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ପହଞ୍ଚିବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ସେହିପରି ପଶ୍ଚିମ ଓଡ଼ିଶାରେ ଅନ୍ୟ କିଛି ଜିଲ୍ଲାରେ ୪୦ ଡିଗ୍ରି ଉପରେ ରହିପାରେ ତାପମାତ୍ରା ।



ଏହାସହ ଉପକୂଳ ଓଡ଼ିଶାର ମଧ ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ । ୮ ତାରିଖ ଓ ୯ ତାରିଖ ରାଜ୍ୟର କିଛି କିଲ୍ଲାରେ ଗରମ ଓ ଗୁଳୁଗୁଳି ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ୮ ତାରିଖ ଅର୍ଥାତ୍ ଆଜି ପାଇଁ ଗରମ ଓ ଗୁଳୁଗୁଳି ନେଇ ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି ।

ସେହିପରି ୯ ତାରିଖ ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କିଛି ଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ଏବେ ପୁଣି ଅସହ୍ୟ ତାତି ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇବ । ସେପଟେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ମଧ୍ୟମରୁ ହାଲୁକା ବର୍ଷା ବି ରେକର୍ଡ ହୋଇଛି ।

## ଭୁବନେଶ୍ୱରରେ ହେବ ୩୦ଜିଲ୍ଲା ପାଇଁ ୩୦୦୦ ବିଶିଷ୍ଟ ରୁମର ଗେଷ୍ଟ ହାଉସ

**ଭୁବନେଶ୍ୱର:** ଭୁବନେଶ୍ୱରରେ ୩୦ଟି ଜିଲ୍ଲା ପାଇଁ ୩୦୦୦ ବିଶିଷ୍ଟ ରୁମର ଗେଷ୍ଟ ହାଉସ ହେବ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଦୂରଦୂରାନ୍ତରୁ ସ୍ୱାସ୍ଥ୍ୟ ସମସ୍ୟା ଆଦି ଅନ୍ୟାନ୍ୟ ସମସ୍ୟା ନେଇ ଆସୁଥିବା ଲୋକେ ରହିବେ। ବିଭିନ୍ନ ଜିଲ୍ଲା ନାଆଁରେ ହେବ ଭବନ। ଜାଗା ନିର୍ଦ୍ଧାରଣ ସରିଛି। ୨୦୨୭ରେ ସମ୍ପୂର୍ଣ୍ଣ ହେବ କାମ।

## ଗୋଟିଏ ମୋବାଇଲ୍ ଆପରେ ରହିବ ସମସ୍ତ ରାଜସ୍ୱ ସେବା

**ଭୁବନେଶ୍ୱର:** ସମସ୍ତ ରାଜସ୍ୱ ସେବା ରହିବ ଗୋଟିଏ ମୋବାଇଲ ଆପରେ। ଘରେ ବସି ଲୋକ ଲାଭ ନେବେ ସମସ୍ତ ସୁବିଧା। ଖୁବ୍ ଶୀଘ୍ର ଲଞ୍ଚ ହେବ ଏହି ଆପ। ଛୋଟ ଛୋଟ କାମ ପାଇଁ ଆଉ ଯିବାକୁ ପଡିବନି ତହସିଲ ଅଫିସ। ଘରୁ ଥାଇ ଆ ରେ ଆବେଦନ କଲେ ସେହି ଆପରେ ଲୋକମାନେ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

# ନନ୍ଦିଘୋଷ ରଥ ଚକ ୩ଲକ୍ଷ ଟଙ୍କା: ୩ ରଥର ୩ ଚକ ନେଲେ ୬ଲକ୍ଷ ଟଙ୍କା

**ପୁରୀ:** ରଥ ଚକ ବିକ୍ରି ପାଇଁ ମୂଲ୍ୟ ସ୍ଥିରୀକୃତ ହୋଇଛି। ୨୦୨୩ରେ ପ୍ରତ୍ୟେକ ରଥ ଚକର ଦାମ ୫୦ ହଜାର ଟଙ୍କା ରହିଥିଲା। ଚଳିତ ବର୍ଷ ଏହା ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକର ମୂଲ୍ୟ ରହିଛି ୧ଲକ୍ଷ ୫୦ ହଜାର ଟଙ୍କା। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଚକର ମୂଲ୍ୟ ରଖାଯାଇଛି ୨ଲକ୍ଷ। ଶ୍ରୀଜଗନ୍ନାଥଙ୍କ ରଥ ଚକର ମୂଲ୍ୟ ୩ଲକ୍ଷ ଟଙ୍କା ସ୍ଥିର ହୋଇଛି। ପ୍ରତ୍ୟେକ ରଥର 'ଗୁଜ'ର ମୂଲ୍ୟ ରହିଛି ୧୫ ହଜାର ଟଙ୍କା। 'ଅଖୁଆଣି'ର ମୂଲ୍ୟ ୧୫ ହଜାର ଟଙ୍କା। ପ୍ରତ୍ୟେକ ରଥର 'ପ୍ରଭା'ର ମୂଲ୍ୟ ରହିଛି ୨୫ ହଜାର ଟଙ୍କା। ଯେଉଁ ଭକ୍ତ ୩ ରଥର ୩ଟି ଚକ ଏକାକାଳୀନ ନେବେ ସେମାନେ ୬ଲକ୍ଷ ୫୦ ହଜାର ଟଙ୍କା ପରିବର୍ତ୍ତେ ୬ଲକ୍ଷ ଟଙ୍କାରେ ଯୋଗାଇ ଦିଆଯିବ।

**୩ ରଥର ୩ ଚକ ନେଲେ ୬ଲକ୍ଷ ଟଙ୍କା**

**ଦର୍ପଦଳନ ଚକ ମୂଲ୍ୟ ଦେଢ଼ ଲକ୍ଷ**

**ତାଳଧ୍ୱଜ ଚକର ମୂଲ୍ୟ ୨ଲକ୍ଷ**





ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, କୌଣସି ବ୍ୟକ୍ତି ଓ ଅନୁଷ୍ଠାନ ରଥ ଚକ କିମ୍ବା ଅନ୍ୟ ଅଂଶ ନେବାକୁ ଚାହିଁବେ, ଶ୍ରୀମନ୍ଦିରରୁ ଦରଖାସ୍ତ ନେଇ ସେଥିରେ ଆବେଦନ କରିବେ। ଦରଖାସ୍ତ ଦେୟ ୧ହଜାର ଟଙ୍କା ଦେବାକୁ ପଡ଼ିବ। ସେପ୍ଟେମ୍ବର ୧୫ ସୁଦ୍ଧା ଆବେଦନ କରିବାକୁ ପଡ଼ିବ। ଶ୍ରୀମନ୍ଦିର ପ୍ରଶାସନଠାରୁ ରଥ ଚକ ନେବାକୁ ଯୋଗ୍ୟ ହୋଇଥିବା ବ୍ୟକ୍ତି ସୂଚନା ପାଇବାର ସପ୍ତାହେ ମଧ୍ୟରେ ମୂଲ୍ୟ ପଇଠ କରିବେ। ସପ୍ତାହେ ମଧ୍ୟରେ ମୂଲ୍ୟ ପଇଠ ନକଲେ ଅନ୍ୟ ଆବେଦନକାରୀଙ୍କୁ କିଣିବାର ସୁଯୋଗ ଦିଆଯିବ। ମୂଲ୍ୟ ପଇଠର ୧୫ ଦିନ ମଧ୍ୟରେ ଚକ କିମ୍ବା ଅନ୍ୟ ଅଂଶ ନେବାର ବ୍ୟବସ୍ଥା କରିବେ। ଲୋଡିଂ, ଅନଲୋଡିଂ ଓ ପରିବହନ ଖର୍ଚ୍ଚ କିଣିବା ବ୍ୟକ୍ତି ବା ଅନୁଷ୍ଠାନ ବହନ କରିବେ। ରଥ ଚକ ନେବା ପୂର୍ବରୁ ଏହାର ପବିତ୍ରତା ବଜାୟ ସହ ପୂଜା କରିବା ନେଇ ଏକ ଅଣ୍ଡରଟେକିଂ ଲେଖିବେ।

ରଥ ଚକକୁ ସଂରକ୍ଷିତ ରଖିବାରେ ଅବେହଳା କିମ୍ବା ଅପମାନିତ କଲା ଭଳି କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ୨୦୧୭ ମସିହାପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୧୪୦ଟି ରଥ ଚକ ବିକ୍ରି ନ ହୋଇ ନଷ୍ଟ ହେଉଥିଲା। ୨୦୨୩ ମସିହାରେ ଏହାକୁ ଭକ୍ତମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ସେତେବେଳେ ପ୍ରତ୍ୟେକ ରଥର ଚକର ମୂଲ୍ୟ ୫୦ ହଜାର ଟଙ୍କା ରହିଥିଲା। ପ୍ରଭାର ଦର ୨୫ ହଜାର ଟଙ୍କା ଏବଂ ଗୁଜର ଦର ୧୦ ହଜାର ଟଙ୍କା ରହିଥିଲା। ଚଳିତ ବର୍ଷ ମଧ୍ୟ ପ୍ରଭା ଦର ଅପରିବର୍ତ୍ତିତ ରହିଛି। ମାତ୍ର ଗୁଜର ଦର ୧୦ରୁ ୧୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି।

# ଶ୍ରୀମନ୍ଦିରରେ ଅଘଟଣ: ଗରମ ଡାଲି ସଂସ୍ପର୍ଶରେ ଆସି ୭ ଜଣ ଶ୍ରଦ୍ଧାଳୁ ଆହତ

**ପୁରୀ:** ଶ୍ରୀମନ୍ଦିର ପରିସରରେ ରବିବାର ଅଘଟଣ ଘଟିଛି। ଗରମ ଡାଲି ପଡ଼ି ୭ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଗୁରୁତରମାନଙ୍କର ପରିଚୟ ମିଳିପାରି ନାହିଁ।

ସୂଚନା ଅନୁସାରେ ଆଜି ରବିବାର ଥିବାରୁ ଶ୍ରୀମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଥିଲା। ଭୋଗ ମଣ୍ଡପ ଉଠିବା ପରେ ଅପରାହ୍ ?ଣ ସମୟରେ ବୋଝିଆ ସେବାୟତମାନେ ଗରମ ଡାଲି ନେଇ ଯାଉଥିଲେ। ସେମାନଙ୍କର ଅବସାବଧାନତା କାରଣରୁ ଗରମ ଡାଲି ପଡ଼ି ଯାଇଥିଲା। ଏହି ସମୟରେ ସେଠାରେ ଥିବା ଭକ୍ତମାନେ ଗରମ ଡାଲିର ସଂସ୍ପର୍ଶରେ ଆସିଥିଲେ। ଏହି ଘଟଣାରେ ୭ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡ଼ିଛି।

ଗରମ ଡାଲିର ସଂସ୍ପର୍ଶରେ ଆସି ଆହତ ହୋଇଥିବା ଭକ୍ତମାନେ ନୟାଗଡ଼ ନିବାସୀ ବୋଲି କୁହାଯାଉଛି। ସେମାନଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପୁଲିସ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ଭକ୍ତମାନଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ମହାପ୍ରଭୁଙ୍କ ବାର୍ଷିକ ପର୍ବ 'ଦେବସ୍ନାନ ପୂର୍ଣ୍ଣିମା' ପାଖେଇ ଆସୁଛି। ଶ୍ରୀମନ୍ଦିରରେ ଭକ୍ତମାନେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ କରିବାର ଅପୂର୍ବ ସୁଯୋଗ ପାଇପାରିବେ। ଆସନ୍ତା ୧୧ ତାରିଖ ଠାରୁ ମହାପ୍ରଭୁ ଅଣସର ଘରେ ରହିବେ। ଏହା ପରେ ଜୁନ୍ ୨୭ରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେବ। ତେଣୁ ଶ୍ରୀମନ୍ଦିରରେ ଭକ୍ତମାନଙ୍କର କିଛିଦିନ ହେଲା ଭିଡ଼ ପରଲକ୍ଷିତ ହେଉଛି। ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଆଜି ଶେଷ ରବିବାର ଥିବାରୁ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ଏବେ ଗ୍ରୀଷ୍ମକାଳୀନ ଅବକାଶ ଥିବାରୁ ପୁରୀକୁ ଚାରିଆଡୁ ଭକ୍ତଙ୍କର ସୁଅ ଛୁଟୁଛି। ପୁରୀ ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ବୋଝିଆ ସେବାୟତମାନଙ୍କର ଅବହେଳା କାରଣରୁ ଆଜି ଗରମ ଡାଲି ପଡ଼ି ଯାଇଥିବା ଚର୍ଚ୍ଚା ହେଉଛି। ବୋଝିଆ ସେବାୟତମାନଙ୍କର ଦ୍ୱାରା ଅସାବଧାନତା ଯୋଗୁଁ ଡାଲି ପଡ଼ିବା ନୂଆ କଥା ମାଓବାଦୀଙ୍କୁ ଡ୍ରୋନ୍ ସହାୟତାରେ ଖୋଜୁଛନ୍ତି ସୁରକ୍ଷାକର୍ମୀନୁହେଁ। ପୂର୍ବରୁ ମଧ ଏହିଭଳି ଅଘଟା ଘଟିଥିବା ନଜିର ରହିଛି।

## କଟକର କଲେକ୍ଟରେଟ୍ରେଟ୍ ଠାରେ ସମୀକ୍ଷା ବୈଠକ ରେ ଯୋଗ ଦେଲେ ଉପ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଆଜି କଟକର କଲେକ୍ଟରେଟ୍ରେଟ୍ ଠାରେ ଜିଲ୍ଲାର ବିକାଶ ପ୍ରଗତି ଏବଂ ପ୍ରମୁଖ ଶାସନ ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ ର ବ୍ୟାପକ ସମୀକ୍ଷା ବୈଠକ ରେ ଯୋଗ ଦେଇଛନ୍ତି । ଏ ସମ୍ପର୍କରେ ସେ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ପ୍ରଶାସନିକ ଦକ୍ଷତାକୁ ସୁଦୃଢ଼ କରିବା ଏବଂ ପ୍ରଭାବଶାଳୀ ନୀତି କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଆମର ପ୍ରମୁଖ ପ୍ରାଥମିକତା। ଲୋକ ଙ୍କ ସରକାରଙ୍କର ଏକ ବର୍ଷ ର ପୂର୍ତ୍ତି ଅବସର ପାଇଁ ଆମେ ପ୍ରସ୍ତୁତ ହେଉଥିବା ସମୟରେ, ଆଗାମୀ ନାରୀ ଶକ୍ତି କାର୍ଯ୍ୟକ୍ରମ ଓଡ଼ିଶାର ପ୍ରଗତିରେ ମହିଳାମାନଙ୍କର ପରିବର୍ତ୍ତନକାରୀ ଭୂମିକାକୁ ଉଜ୍ଜ୍ୱଳ କରିବ। ମହିଳାମାନଙ୍କୁ ସଶକ୍ତ କରିବା ହେଉଛି ଆଗାମୀ ଭବିଷ୍ୟତକୁ ସଶକ୍ତ କରିବା, ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ, ଓଡ଼ିଶା ପ୍ରତ୍ୟେକ ମହିଳାଙ୍କ ପାଇଁ ନେତୃତ୍ୱ, ସୁଯୋଗ ଏବଂ ମର୍ଯ୍ୟାଦା ବୃଦ୍ଧି କରିଚାଲିଛି।

## ବିଦଗ୍ଧ କବିଙ୍କ ରଚନା ପ୍ରେମ ଓ ଭକ୍ତିଭାବର ଅପୂର୍ବ ସମନ୍ୱୟ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର:** ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୧୯ତମ ସ୍ୱର୍ଗାରୋହଣ ଦିବସ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ସମ୍ପାଦକ ଖତୁ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସୂଚନା ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପୂର୍ବତନ କର୍ପୋରେଟର ପୂର୍ଣ୍ଣଚନ୍ଦ୍ର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ବାରିକ, ଗାନ୍ଧିବାଦୀ ପ୍ରମେଶ ମହାନ୍ତି, ବଟକୃଷ୍ଣ ବଳ, ଅକ୍ଷୟ କୁମାର ସାମଲ, ବୈରାଗୀ ଚରଣ ପୃଷ୍ଟି, କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରତିର୍ମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଓଡ଼ିଶାର ବୈଷ୍ଣବ ଭାବଧାରାକୁ କାବ୍ୟ ଓ ଭକ୍ତି ମାଧ୍ୟମରେ ପ୍ରକଟିତ କରି ଭକ୍ତିଭାବ ଓ ପ୍ରେମଭାବର ସମନ୍ୱୟରେ ବାଲିଆର ଜମିଦାର ଅଭିମନ୍ୟୁ ସାମନ୍ତସିଂହାର ବିଦଗ୍ଧ ଚିନ୍ତାମଣି ସହ ଅନ୍ୟ କାବ୍ୟ ମାଧ୍ୟମରେ ଯେଉଁ ଅପୂର୍ବ ରଚନା କରିଛନ୍ତି ତାହା ଯୁଗେଯୁଗେ ଜନମାନସକୁ ଭକ୍ତିର ଲହରୀରେ ଅପୂର୍ବ ଆନନ୍ଦ ପ୍ରଦାନ କରି ଆସୁଛି । ସରକାର ଅଭିମନ୍ୟୁ ଓ ତାଙ୍କ ରଚନା ଉପରେ ଏକ ନାଟକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ମାଧ୍ୟମରେ ପରିବେଷଣ ସହିତ ଯାଜପୁର ଜିଲ୍ଲାର ବରପୁତ୍ର କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କର ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସାମାଜିକ ସଂଗଠକ ଖତୁ ଚରଣ ବିଶ୍ୱାଳ ଓ ପୂଜ୍ୟପୂଜା ଅଗ୍ରଦୂତ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କୁ ବିଦଗ୍ଧ କବି ଅଭିମନ୍ୟୁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ସାଂସଦ ସମ୍ବିତ ପାତ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ଘେରିଲା ଯୁବ କଂଗ୍ରେସ

**ଭୁବନେଶ୍ୱର :** ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ଦେଶପ୍ରୀତି, ସାଧୁତାଏବଂ ଦେଶପ୍ରତିତାଙ୍କର ଦାୟିତ୍ୱବୋଧ ଉପରେ ଅଙ୍ଗୁଳି ପ୍ରଦର୍ଶନ କରି ଚର୍ଚ୍ଚାରେ ରହିବାପାଇଁ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିବା ସାଂସଦ ସମ୍ବିତ ପାତ୍ରଙ୍କ ଭୁବନେଶ୍ୱର କଳିଙ୍ଗବିହାର ସ୍ଥିତ ବାସଭବନକୁ ଆଜି ପ୍ରଦେଶ ଯୁବକଂଗ୍ରେସ ସଭାପତି ଶ୍ରୀରଣଜିତ ପାତ୍ରଙ୍କ ନେତୃତ୍ୱରେ ଘେରାଉ କରିଥିଲା। ଯୁବକଂଗ୍ରେସକର୍ମୀମାନେ ଏକ ବିଶାଳ ରାଲିରେ ସମ୍ବିତ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାୟ ଦୁଇଘଂଟା କାଳ ସମ୍ବିତ ପାତ୍ରଙ୍କ ବାସଭବନକୁ ଘେରାଉ କରି ରଖିଥିଲେ। ପ୍ଲାକାର୍ଡ, ସ୍ଲୋଗାନ ଏବଂ ବ୍ୟାନର ମାଧ୍ୟମରେ ଯୁବକଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଥିଲା ଯେ ସମ୍ବିତ ପାତ୍ର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି।ତେଣୁ ତାଙ୍କୁ ପାଗଳଙ୍କ ଚିକିତ୍ସା ପାଇଁ ଥିବା ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ଏକ ଆମ୍ବଲାନ୍ସ ଏବଂଷ୍ଟ୍ରେଚର ବିକ୍ଷୋଭସ୍ଥଳକୁ ନିଆଯାଇଥିଲା। ଏକ ଅଭିନବ ଉପାୟରେ ସମ୍ବିତ ପାତ୍ରଙ୍କ ବାସଭବନ ନିକଟରୁ ସମ୍ବିତ ପାତ୍ରଙ୍କ ଫଟୋର ଫ୍ଲେକ୍ସ ପରିଧାନ କରିଥିବା ଏକ ବ୍ୟକ୍ତି ଙ୍କୁଷ୍ଟ୍ରେଚରର ଯୋଗେ ଆମ୍ବୁଲାନ୍ସ ଯାଏ ଅଣାଯାଇଥିଲା। ପୋଲିସ ସହ ଯୁବ କଂଗ୍ରେସକର୍ମୀଙ୍କର ସେଠାରେ ଧସ୍ତାଧସ୍ତି ହୋଇଥିଲ ଏବଂ ପରିଶେଷରେ ପୋଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇନେଇଥିଲା।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ ସାଂସଦ ସମ୍ବିତ ପାତ୍ର ନିଜର ପଦମର୍ଯ୍ୟାଦା ରଖୁନାହାନ୍ତି। ତାଙ୍କ ନିୟନ୍ତ୍ରଣରେ ତାଙ୍କ ଜିଭ ନାହିଁ। ସେ ଚର୍ଚ୍ଚାରେ ରହିବା ପାଇଁ ଯାହା ପରେ ତାହା କହିଚାଲିଛନ୍ତି। ରାହୁଲଗାନ୍ଧୀଙ୍କ ଦେଶଭକ୍ତି, ସାଧୁତାଏବଂ ରାଷ୍ଟ୍ରପତିତାଙ୍କର ସମର୍ପଣଭାବକୁ ଭାରତବାସୀ ଜାଣନ୍ତି। କିନ୍ତୁ ସମ୍ବିତ ପାତ୍ରଚୀନ ଓ ପାକିସ୍ଥାନରୁ ଅର୍ଥ ଆଣି ରାହୁଲଗାନ୍ଧୀ ଭାରତରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲିଯେଉଁ ଆପେକ୍ଷ କରିଛନ୍ତି ତାହା ଦୁର୍ଭାଗ୍ୟଜନକ ।ସମ୍ବିତ ପାତ୍ର ତାଙ୍କ ବକ୍ତବ୍ୟରେ ଜଗତର ନାଥ ଜଗନ୍ନାଥ ମୋଦୀଙ୍କ ଭକ୍ତ ବୋଲି କହି ବିଶ୍ୱବାସୀଙ୍କ ନିକଟରେ ନିନ୍ଦିତ ହୋଇଛନ୍ତି। ତେଣୁ ମିଥ୍ୟା କଥା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ସମ୍ବିତ ପାତ୍ରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବିକରୁଛି।

# ଚାଷୀ ଧାନ ବିକି କୋଟି କୋଟି ଟଙ୍କା ବକେୟା ନ ପାଇ ରାଜରାସ୍ତାରେ

## ଧାରଣାରତ ୩୪୪ ଜଣ ଚାଷୀଙ୍କୁତୁରନ୍ତ ସେମାନଙ୍କ ପ୍ରାପ୍ୟ ଦିଆଯାଉ-କଂଗ୍ରେସ

**ଭୁବନେଶ୍ୱର:** ମୋହନ ସରକାର ବ୍ୟବସ୍ଥିତ ଢ଼ଙ୍ଗରେ ଚାଷୀଙ୍କଠାରୁ ଧାନ କ୍ରୟ କରି ସେମାନଙ୍କର ସମସ୍ତ ବଳକା ଧାନ ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ପ୍ରଦାନ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଆଜି ତାହାସଂପୂର୍ଣ୍ଣ ପ୍ରତାରଣାରେ ପରିଣତହୋଇଛି। ଯାହାର ନିଛକ ନମୂନା ନବରଙ୍ଗପୁରଜିଲ୍ଲାରରାଇଘରବ୍ଲକର ୩୪୪ ଜଣ ଚାଷୀ ସେମାନଙ୍କର ଉତ୍ପାଦିତ ଗତ ଖରିଫ ଚାଷର ପ୍ରାୟ ୧୫ ହଜାର କ୍ୱିଂଟାଲ ଧାନ ବିକି ୪ କୋଟିର ଉର୍ଦ୍ଧ୍ୱ ଟଙ୍କା ପାଇବାକୁ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଦୀର୍ଘ ୪ମାସ ହେଲା ଦାବିକରି ନିରାଶ ହେବା ପରେ ଏବେ ଭୁବନେଶ୍ୱରରେ ଅହୋରାତ୍ର ରାଜରାସ୍ତାରେ ତିନିଦିନ ହେଲା ଧାରଣା ଦେଇଛନ୍ତି। ଏଥି ପ୍ରତି ସରକାରଙ୍କର ଭୃକ୍ଷେପ ନାହିଁ କେବଳ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ପୂରଣ

**ସରକାର କେବଳ ବର୍ଷ ପୂର୍ତ୍ତିର ସଫଳତା ବାଣ୍ଟିବାରେ ବ୍ୟସ୍ତ**

ଅବସରରେ ମିଛ ଛବିର ସଫଳତା ବାଂଟିବାରେ ବ୍ୟସ୍ତ। ଏହା ଚାଷୀଙ୍କ ପ୍ରତି ଉପହାସ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଓ ନବରଙ୍ଗପୁର ଜିଲ୍ଲା କିଷାନ କଂଗ୍ରେସ ଅଧକ୍ଷ ସନରାଜଗଣ୍ଡ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଆଜି ଚାଷୀମାନଙ୍କର ଦାବିକୁ କଂଗ୍ରେସ ପକ୍ଷରୁସମର୍ଥନ ଜଣାଇପିସିସିକିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ପଟ୍ଟନାୟକ ଧାରଣାସ୍ଥଳକୁ ଯାଇ ସେଠାରେ ଚାଷୀମାନଙ୍କୁ ଭେଟିବାସହିତ ସେମାନଙ୍କ ସହ ଆଲୋଚନା କରିଛନ୍ତି। ସରକାର ଓ ପ୍ରଶାସନ ଚାଷୀମାନଙ୍କ ପ୍ରତି ଯେପରିଭାବେ ଅବହେଳା କରିଛନ୍ତି ଏହାକୁ କୌଣସି କ୍ଷେତ୍ରରେ ବରଦାସ୍ତ କରାଯିବ ନାହିଁ।କାଳବିଳମ୍ବ ନ କରି ସରକାର ଧାରଣ ରତ ଚାଷୀମାନଙ୍କ ନିକଟକୁ ଆସି ସେମାନଙ୍କର ସମସ୍ୟା ସମାଧାନ କରିବା ସହିତ ୪ କୋଟିର ଉର୍ଦ୍ଧ୍ୱ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ କିଷାନ କଂଗ୍ରେସ ପକ୍ଷରୁଶ୍ରୀ ପଟ୍ଟନାୟକ ଓ ଶ୍ରୀ ଗଣ୍ଡ ଦୃଢ଼ ଦାବିକରିଛନ୍ତି।

# ଦିଗିରେ ସାଇ ସଂଗଠନର ଜିଲା ଯୁବ ସମ୍ମିଳନୀ

**ଭଦ୍ରକ:** ଭଦ୍ରକ ଜିଲା ବାଲିଖଣ୍ଡ ଶ୍ରୀ ସତ୍ୟସାଇ ସମିତି ପକ୍ଷରୁ ଦିଗି ଠାରେ ଜିଲା ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ସକାଳ ୭ଟାରେ ତ୍ରୟରୁଦ୍ରମ, ଜ୍ୟୋତି ଆବାହନ, ବେଦପାଠ, ଆବାହନୀ ସଂଗୀତ ଗାନ ପରେ ଜିଲା ସଭାପତି ଡାକ୍ତର ରଣଜିତ୍ ଖଟୁଆ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତାପ ଭଞ୍ଜଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଶ୍ରୀ ଖଟୁଆ, ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ ସଂଯୋଜକ ତୁଷାରକାନ୍ତ ନାଥ, ସମ୍ମାନିତ ଅତିଥି ଭାବେ ଜିଲା ଆଇ.ଟି. ସଂଯୋଜକ ଜ୍ୟୋତିପ୍ରକାଶ ସାହୁ, ରାଜ୍ୟ ଆଇ.ଟି ଇନ୍‌ଚାର୍ଜ ରବିନ୍ଦ୍ର କୁମାର ବେହେରା, ଜିଲା ସେବା ସଂଯୋଜକ ଜୟଚନ୍ଦ୍ର ବେହେରା, ତାରାବଲ୍ଲଭ ମହାପାତ, ସାଇଶମ୍ଭୁ ମିଶ୍ର, ଜ୍ୟୋତିପ୍ରକାଶ ସାହୁ, ବାସୁଦେବ ବାରିକ, ରାଜୀବ ଲୋଚନ ସାହୁ ପ୍ରମୁଖ ଯୋଗ ଦେଇ ଯୁବଗୋଷ୍ଠୀମାନେ ସତ୍ୟସାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସମାଜର ମଙ୍ଗଳ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ପକ୍ଷରୁ ଭାରତୀୟ ସେନା ବାହିନୀର ଜବାନ ହିତେଶ ରଂଜନ ପତିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବାଲିଖଣ୍ଡ ସମିତିର ଆବାହକ ବୃନ୍ଦାବନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ଇଂ. ସନାତନ ପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜୟ ପତି, ଅଶୋକ ବଳ, ମନୋଜ କୁମାର ନାୟକ, ଆବାହକ ସଂଜୟ କୁମାର ମହାପାତ୍ର, ଶଶଧର ସାମଲ, ରଶ୍ମିରଂଜନ ନାୟକ, ଅରୁଣ କୁମାର ସାହୁ, ଦୈତାରୀ ସେଠୀ, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଉତମ କୁମାର ମହାନ୍ତି, ସାମନ୍ତ ମହାପାତ୍ର, ଉଦୟ କୁମାର ବେହେରା, ରଂଜନ କୁମାର ଦାସ, ସନାତନ ଶିଅଳ, ପ୍ରଶାନ୍ତ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ, ପୁଷ୍ପଲତା ଜେନା, ଈଶ୍ୱରମ୍ମା ଶିଅଳ, କବିଲତା ପଣ୍ଡା, ଗଙ୍ଗାଧର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

**ବନ୍ତ ଛକରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ**

# ୮ ଗୋରୁ ଉଦ୍ଧାର, ଗାଡ଼ି ଚାଳକ ଫେରାର

**ଭଦ୍ରକ:** ଭଦ୍ରକରେ ଥମୁନି ଗୋଚାଲାଣ। ଆଜି ପୁଣି ବନ୍ତ ଛକରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଥିବାର ଖବର ମିଳିଛି । ଗାଡ଼ିରେ ଥିବା ୮ ଗୋରୁ ଉଦ୍ଧାର କରିଛି ଭଦ୍ରକ ଟାଉନ ଥାନା ପୁଲିସ।

ବନ୍ତ ଛକରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଥିବାର ଖବର ମିଳିଛି । ଗାଡ଼ିରେ ଥିବା ୮ ଗୋରୁ ଉଦ୍ଧାର କରିଛି ଭଦ୍ରକ ଟାଉନ ଥାନା ପୁଲିସ ।ସୂଚନା ଅନୁଯାୟୀ, ବୋଝେଇ ପିକଅପ୍ ଭ୍ୟାନ୍ ଭଦ୍ରକରୁ କଲିକତା ଯାଉଥିବା ବେଳେ ଟାଉନ ପୁଲିସର ପେଟ୍ରୋଲିଙ୍ଗ ବେଳେ ଧରାପଡ଼ିଛି। ତେବେ କୌଶଳକ୍ରମେ ଡ୍ରାଇଭର ଫେରାର ହୋଇଥିବା ବେଳେ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ରଖାଯାଇଛି। ଏନେଇ ପୁଲିସ



ଅଧିକ ତଦନ୍ତ କରୁଛି। ପ୍ରତିଦିନ ଭଦ୍ରକରୁ ବହୁ ଗୋରୁଗାଡ଼ି ପଶ୍ଚିମବଙ୍ଗ ଯାଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବୋଝେଇ ପିକଅପ୍ ଭ୍ୟାନ୍ ଭଦ୍ରକରୁ କଲିକେତା ଯାଉଥିବା ବେଳେ ଟାଉନ ପୁଲିସର ପେଟ୍ରୋଲିଙ୍ଗ ବେଳେ ଧରାପଡ଼ିଛି। ତେବେ କୌଶଳକ୍ରମେ ଡ୍ରାଇଭର ଫେରାର ହୋଇଥିବା ବେଳେ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ରଖାଯାଇଛି। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ପ୍ରତିଦିନ ଭଦ୍ରକରୁ ବହୁ ଗୋରୁଗାଡ଼ି ପଶ୍ଚିମବଙ୍ଗ ଯାଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଶୌଣ୍ଡିକ ସମାଜର ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଯୋଗ ଦେଲେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର:** ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରବିବାର ଦିନ ନବରଙ୍ଗପୁର ନୁଆବନ୍ଧ ସାହି, ସାଇ କଲ୍ୟାଣ ମଣ୍ଡପରେ ଶୌଣ୍ଡିକ ସମାଜର ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ସମାଜ ଗଠନର ମୂଳ ଲକ୍ଷ୍ୟ ହେଉଛି ନିଜ ଭିତରେ ଏକତା ଓ ସଂଗଠିତ ହେବା। ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ି ସମାଜରେ ନିଜ ଜାତିର ପରିଚୟକୁ ବଢାଇବା। ପଛୁଆବର୍ଗରେ ଆସୁଥିବା ଏହି ଲୋକମାନେ ମଧ ଆଗକୁ ବଢ଼ିବାରେ ସକ୍ଷମ ହେଉଛନ୍ତି। ବର୍ତ୍ତମାନ ଆମ ସରକାର ପଛୁଆବର୍ଗଙ୍କ ହାତକୁ ଟାଣ କରୁଛନ୍ତି, ପଛୁଆବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ଦ୍ୱାରା ସେମାନଙ୍କ ଜୀବନ ଉନ୍ନତ ମାନର ହୋଇପାରିଛି।

## ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଛତିଶଗଡ଼ ରାୟପୁର ଉତ୍ତର ବିଧାୟକ ପୁରନ୍ଦର ମିଶ୍ରଙ୍କ ସହ ଅଲୋଚନା

**ଭୁବନେଶ୍ୱର:** ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗ ଆଜି ଓଡ଼ିଶା ଗସ୍ତରେ ଥିବା ଛତିଶଗଡ଼ ରାୟପୁର ଉତ୍ତର ବିଧାନସଭା କ୍ଷେତ୍ରର ବିଧାୟକ ଶ୍ରୀ ପୁରନ୍ଦର ମିଶ୍ରଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟ ନେତାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ଭିତିଭୂମି ଓ ସାମାଜିକ କଲ୍ୟାଣ ଭଳି ବିଭିନ୍ନ କ୍ଷେତ୍ରରେ ଅନ୍ତର୍ରାଜ୍ୟୀୟ ସହଯୋଗ ବଢ଼ାଇବା ବିଷୟରେ ଆଲୋଚନା ହୋଇଥିଲା।

# ମାଓବାଦୀଙ୍କୁ ଡ୍ରୋନ୍ ସହାୟତାରେ ଖୋଜୁଛନ୍ତି ସୁରକ୍ଷାକର୍ମୀ

**ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ଆଦି ଜିଲ୍ଲାରେ ପ୍ରବେଶ କରି ପୁରୁଣା ସଂଗଠନକୁ ସକ୍ରିୟ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ।**

**ସମ୍ବଲପୁର/ରେଢ଼ାଖୋଲ:** ମାଓବାଦୀଙ୍କୁ ଡ୍ରୋନ୍ ସହାୟତାରେ ଖୋଜୁଛନ୍ତି ସୁରକ୍ଷାକର୍ମୀ। ସମ୍ବଲପୁରର ନାକଟିଦେଉଳ ଜଙ୍ଗଲରେ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳିଛି। ଯଦିଓ ସରକାରୀ ସ୍ତରରେ ଏନେଇ କୌଣସି ସୂଚନା ଦିଆଯାଇନାହିଁ, ତେବେ ଏହାଫଳରେ ଜଙ୍ଗଲରେ ଲୁଚିଥିବା ମାଓବାଦୀମାନଙ୍କ ନିପାତ ସୁନିଶ୍ଚିତ ହୋଇଯାଇଛି।



୭ ବର୍ଷ ପରେ ସମ୍ବଲପୁର ଜିଲ୍ଲାରେ ପୁଣି ମାଓବାଦୀ ଗତିବିଧି ଆରମ୍ଭ ହୋଇଛି। ଛତିଶଗଡ଼ରେ ମାଓବାଦୀଙ୍କ ଉପରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳର ପ୍ରଚଣ୍ଡ ଆକ୍ରମଣ ପରେ ମାଓବାଦୀମାନେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛନ୍ତି। ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ଆଦି ଜିଲ୍ଲାରେ ପ୍ରବେଶ କରି ପୁରୁଣା ସଂଗଠନକୁ ସକ୍ରିୟ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏପଟେ ମାଓବାଦୀଙ୍କ ଗତିବିଧି ସଂପର୍କରେ ସୂଚନା ମିଳିବା ପରେ ପୁଲିସ ଓ ଏସ୍‌ଓଜିର ମିଳିତ କମ୍ବିଂ ଅପରେସନ ଆରମ୍ଭ ହୋଇଛି। କମ୍ବିଂ ଅପରେସନରେ ୪ ପ୍ଲାଟୁନ ଏସ୍‌ଓଜି ଯବାନ ନିୟୋଜିତ ଥିବା ସୂଚନା ମିଳିଛି।

୭ ବର୍ଷ ପରେ ସମ୍ବଲପୁର ଜିଲ୍ଲାରେ ପୁଣି ମାଓବାଦୀ ଗତିବିଧି ଆରମ୍ଭ ହୋଇଛି। ଛତିଶଗଡ଼ରେ ମାଓବାଦୀଙ୍କ ଉପରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳର ପ୍ରଚଣ୍ଡ ଆକ୍ରମଣ ପରେ ମାଓବାଦୀମାନେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛନ୍ତି। ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବେ ?ଦ୍ଧ, ସମ୍ବଲପୁର ଆଦି ଜିଲ୍ଲାରେ ପ୍ରବେଶ କରି ପୁରୁଣା ସଂଗଠନକୁ ସକ୍ରିୟ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏପଟେ ମାଓବାଦୀଙ୍କ ଗତିବିଧି ସଂପର୍କରେ ସୂଚନା ମିଳିବା ପରେ ପୁଲିସ ଓ ଏସ୍‌ଓଜିର ମିଳିତ କମ୍ବିଂ ଅପରେସନ ଆରମ୍ଭ ହୋଇଛି। କମ୍ବିଂ ଅପରେସନରେ ୪ ପ୍ଲାଟୁନ ଏସ୍‌ଓଜି ଯବାନ ନିୟୋଜିତ ଥିବା ସୂଚନା ମିଳିଛି ।

# ଇଣ୍ଡିଆନ୍ ବିଲ୍‌ଡିଂ କଂଗ୍ରେସର ବୈଷୟିକ କର୍ମଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର :** ବର୍ତ୍ତମାନ ଯୁଗ ହେଉଛି ଆଧୁନିକ ଜ୍ଞାନକୌଶଳର ଯୁଗ । ବିଭିନ୍ନ ଟେକ୍‌ନୋଲୋଜି ତଥା କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରି ବହୁ ଆସାଧ କାର୍ଯ୍ୟକୁ କମ୍ ସମୟ ମଧ୍ୟରେ ସମ୍ଭବ କରିହେଉଛି । ରାଜ୍ୟ ସରକାର ସବୁବେଳେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ତେଣୁ ଆଧୁନିକ ଜ୍ଞାନକୌଶଳ ଓ ସବୁ ପ୍ରକାର ଟେକ୍‌ନୋଲୋଜିର ବ୍ୟବହାର କରି ଉନ୍ନତ ତଥା ଉତ୍କୃଷ୍ଟ ଭିତ୍ତିଭୂମି ନିର୍ମାଣ କରିବାକୁ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

**ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ନିର୍ମାଣର ସ୍ଥାୟିତ୍ୱ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଗୁରୁତ୍ୱ**

ଇଣ୍ଡିଆନ୍ ବିଲ୍‌ଡିଂ କଂଗ୍ରେସ (ଆଇବିସି)ର କାର୍ଯ୍ୟକାରିଣି କମିଟି ବୈଠକ ଏବଂ ବୈଷୟିକ କର୍ମଶାଳା ଆଜି ଏଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଏବଂ ଆଇବିସି ପକ୍ଷରୁ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଗଣିତ । ନିୟମିତ ଭାବେ ବନ୍ୟା, ବାତ୍ୟା ସହ ଅନେକ ସମୟରେ ଭୂମିକମ୍ପ ଘଟଣା ନଜରକୁ ଆସୁଛି । ଏହାକୁ ଦୃଷ୍ଟିରେ ରଖି ଆଗକୁ ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ଭିତ୍ତିଭୂମିଗୁଡ଼ିକ ବିପର୍ଯ୍ୟୟ ସହନଶୀଳ ହେବା ସହ ସମସ୍ତ ଆଧୁନିକ ବ୍ୟବସ୍ଥାରେ ପରିପୂର୍ଣ୍ଣ ହେବା ଆବଶ୍ୟକ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ପରିବେଶ ସହନଶୀଳ ନିର୍ମାଣକୁ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବୈଠକରେ ଯୋଗ ଦେଇଥିବା ଇଂଜିନିୟରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ଅଣ୍ଡରଗ୍ରାଉଣ୍ଡ ମେଟ୍ରୋଠାରୁ ଆରମ୍ଭ କରି ଅନେକ ବଡ଼ ବଡ଼ ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେଣୁ ଏହିସବୁ ପ୍ରକଳ୍ପକୁ ନିର୍ମାଣ ସମୟରେ ସବୁଠୁ ଉନ୍ନତ ଟେକ୍‌ନୋଲୋଜି ଏବଂ ବର୍ଜ୍ୟବସ୍ତୁ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ଅନ୍ୟ ପକ୍ଷରେ ଇଂଜିନିୟରମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ନିୟମିତ ବ୍ୟବଧାନରେ ଟ୍ରେନିଂ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇବିସି ଓଡ଼ିଶା ଚାପ୍‌ଟରର ଅଧକ୍ଷ ଶ୍ରୀ ବିଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇବିସି, ନୂଆଦିଲ୍ଲୀର ସଭାପତି ଇଂ. ସି. ଦେବନାଥ ଏବଂ ପ୍ରତିଷ୍ଠାନ ସଭାପତି ଇଂ. ଓ.ପି. ଗୋଏଲ୍ ଆଇବିସିର କାର୍ଯ୍ୟଧାରା ସହ ଇଂଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ କର୍ମଶାଳା ଆୟୋଜନ ଏବଂ ପରସ୍ପର ମଧ୍ୟରେ ଅଭିଜ୍ଞତା ବଂଟନ, ନୂଆ ଟେକ୍‌ନୋଲୋଜିର ବ୍ୟବହାର ଉପରେ ନିଜର ମତ ରଖିଥିଲେ । ଏହି ଅବସରରେ ଇଂ. ଏମ୍ ମୁରୁଗେସନ୍ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ନିର୍ମାଣରେ ଆହ୍ୱାନ ଏବଂ ବିକଳ୍ପ ଡିଜାଇନ୍‌ର ଉପଯୋଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

# ହ୍ୟାଲୋ ବଲିଉଡ୍





## ଅଲ୍ଲୁଙ୍କ ସହ ରୋମାନ୍ସ କରିବେ ଦୀପିକା

ଅଟଲିଙ୍କ ସହ ହାତ ମିଳାଇଛନ୍ତି ଦୀପିକା ପାଦୁକୋଣ । ଖୁବଶୀଘ୍ର ନିର୍ମାତାଙ୍କ ଆଗାମୀ ଫିଲ୍ମରେ ଆସିବେ ନଜର । ଯାହାର ନାଁ AA22xA6 ରଖାଯାଇଛି । ଫିଲ୍ମରେ ଦୀପିକା ପାଦୁକୋଣ ଏବଂ ଅଲ୍ଲୁ ଅର୍ଜୁନ ଏକ ରୋମାଣ୍ଟିକ ଯୋଡ଼ି ଭାବରେ ନଜର ଆସିବେ । ଶନିବାର ଫିଲ୍ମ ନିର୍ମାତା ଦୀପିକା ପାଦୁକୋଣଙ୍କୁ ସ୍ୱାଗତ କରିବା ପାଇଁ ଏକ ଭିଡିଓ ଜାରି କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଦୀପିକା ପାଦୁକୋଣ AA22xA6 ରେ ତାଙ୍କର ଆକ୍ସନ୍ ଅବତାର ଉପସ୍ଥାପନ କରିବେ। କ୍ଲିପର କ୍ୟାପସନରେ ନିର୍ମାତା ଦୀପିକାଙ୍କୁ ଜଣେ 'ରାଣୀ' ଭାବରେ ବର୍ଣ୍ଣନା କରିଛନ୍ତି, ଯିଏ 'ଜିତିବାକୁ' ପ୍ରସ୍ତୁତ। ତେବେ ଗୁଜବ ଥିଲା ଯେ ଫିଲ୍ମରେ ୨ ନାୟକଙ୍କ କାହାଣୀ ଥାଇପାରେ । କିନ୍ତୁ ଅଲ୍ଲୁ ଅର୍ଜୁନଙ୍କ ଟିମ୍ ସ୍ପଷ୍ଟ କରିଛନ୍ତି ଯେ ଅଭିନେତା ଡବଲ ରୋଲ୍‌ରେ ନଜର ଆସିବେ । ଯାହା ଫିଲ୍ମର କାହାଣୀରେ ଆକର୍ଷଣୀୟ ମୋଡ଼ ଆଣିବ । ମଜାଦାର କଥା ହେଉଛି ଦୀପିକାଙ୍କୁ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଫିଲ୍ମ ସ୍ପିରିଟ୍ରୁ ବାହାର କରାଯିବାର କିଛି ସପ୍ତାହ ପରେ ଅଟଲିଙ୍କ ଫିଲ୍ମରେ ଦୀପିକାଙ୍କୁ ଏଣ୍ଟ୍ରି ମିଳିଛି । ରିପୋର୍ଟ ଅନୁଯାୟୀ, ଆଠ ଘଣ୍ଟାର ସିଫ୍ଟ, ଉଚ୍ଚ ଦରମା ଏବଂ ଫିଲ୍ମର ଲାଭରେ ଅଂଶ ଦାବି କରିବା ପାଇଁ ଦୀପିକାଙ୍କୁ ବାହାର କରାଯାଇଛି । ନିର୍ଦ୍ଦେଶକ ଭାଙ୍ଗା ତାଙ୍କ ଦାବିକୁ ପସନ୍ଦ କରି ନଥିଲେ। ନିକଟରେ ମା ହୋଇଥିବା ଦୀପିକା ତାଙ୍କ କାର୍ଯ୍ୟ ସମୟ ହ୍ରାସ କରି ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସନ୍ତୁଳନ ରଖିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ସ୍ପିରିଟ୍ ବ୍ୟତୀତ ନାଗ ଅଶ୍ୱିନଙ୍କ କଲକି-୨ରୁ ଦୀପିକା ପାଦୁକୋନଙ୍କୁ ବାହାର କରାଯିବା ନେଇ ହେଉଛି ଚର୍ଚ୍ଚା ।

# ନେହେରୁ ବିହାରରେ ସୁଟକେସରୁ ମିଳିଲା ନାବାଳିକାର ମୃତଦେହ

**ନୂଆଦିଲ୍ଲୀ:** ରାଜଧାନୀରେ ଲଜ୍ଜା। ଦିଲ୍ଲୀର ନେହେରୁ ବିହାରରୁ ସାମ୍ନାକୁ ଆସିଛି ଛାତିଥରା ଦୃଶ୍ୟ। ନାବାଳିକାକୁ ଦୁଷ୍କର୍ମ ପରେ ନିର୍ମମ ଭାବରେ ହତ୍ୟା କରାଯାଇଛି। ଏକ

### ରାଜଧାନୀରେ ଲଜ୍ଜା
### ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ବନ୍ଦ ଘରୁ ସୁଟକେସରୁ ମିଳିଲା ନାବାଳିକାର ମୃତଦେହ । ପୁଲିସ ପୋକ୍ସୋ ଧାରା ୬ ଅନୁଯାୟୀ ମାମଲା ରୁଜୁ କରିଛି ।

ଦିଲ୍ଲୀ ପୁଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ଜୁନ୍ ୭ ତାରିଖ ରାତି ୮ଟା ୪୧ ମିନିଟରେ ଏକ ପିସିଆର୍ କଲ୍ ଆସିଥିଲା, ଯେଉଁଥିରେ ସୂଚନା ଦିଆଯାଇଥିଲା ଯେ ନେହେରୁ ବିହାରରେ ଏକ ସୁଟକେସ୍ ଭିତରେ ଜଣେ ନାବାଳିକା ଝିଅ ମିଳିଛି । ସୂଚନା ପାଇବା ମାତ୍ରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ଝିଅର ବାପା ତାଙ୍କୁ ଜେପିସି ହସ୍ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ



ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଝିଅର ବୟସ ପ୍ରାୟ ୯ ବର୍ଷ। ଡାକ୍ତରମାନେ କହିଛନ୍ତି ଯେ ଝିଅର ମୁହଁରେ ଅନେକ ଆଘାତ ଚିହ୍ନ ଅଛି। ଏହି ସମୟ ମଧ୍ୟରେ ଡାକ୍ତରମାନେ ଝିଅ ଉପରେ ଯୌନ ନିର୍ଯାତନା ସନ୍ଦେହ କରିଛନ୍ତି ।

ପୁଲିସର ସୂଚନା ଅନୁଯାୟୀ, ଝିଅଟିର ବାପା ନେହେରୁ ବିହାରର ଲେନ୍ ନମ୍ବର ୨ରେ ଥିବା ଦୟାଲପୁରରେ ଏକ ସୁଟକେସ୍ ଭିତରେ ଝିଅଟିକୁ ଅଚେତ ଅବସ୍ଥାରେ ପାଇଥିଲେ। ପୋଲିସ ସନ୍ଦେହ କରୁଛି ଯେ ଅଭିଯୁକ୍ତ ଝିଅଟିର ମୃତଦେହକୁ ଏକ ସୁଟକେସରେ ଲୁଚାଇ ରଖି କୌଣସି ସ୍ଥାନରେ ଫିଙ୍ଗି ଦେବାକୁ ଚେଷ୍ଟା କରୁଥିଲା। କିନ୍ତୁ ସ୍ଥାନୀୟ ଲୋକମାନେ ପୋଲିସକୁ ଡାକିଥିଲେ । ଯାହା ପରେ ଅଭିଯୁକ୍ତ ଖସି ପଳାଇଗଲା। ବର୍ତ୍ତମାନ, ପୁଲିସ ଘଟଣାର ତଦନ୍ତ କରୁଛି । ପୁଲିସ ଦୟାଲପୁର ଥାନାରେ ବିଏନଏସ ଓ ୬ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।







# ମହୁଲ ଚୋକ୍‌ସିଙ୍କ ଉପରେ ସେବିର କାର୍ଯ୍ୟାନୁଷ୍ଠାନ

### ବ୍ୟାଙ୍କ ଆକାଉଣ୍ଟ, ମ୍ୟୁଚୁଆଲ ଫଣ୍ଡ୍ ଜବତ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ବଜାର ନିୟାମକ ସେବି ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ୨.୧ କୋଟି ଟଙ୍କା ଅସୁଲି ପାଇଁ ଚୋକ୍‌ସିଙ୍କ ବ୍ୟାଙ୍କ୍ ଖାତା, ମ୍ୟୁଚୁଆଲ ଫଣ୍ଡ୍ ଏବଂ ସେୟାର୍‌କୁ ଜବତ କରିବା ପାଇଁ ଆଦେଶ ଦେଇଛି ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ । ଗୀତାଞ୍ଜଳି ଜେମ୍ସର ସେୟାରରେ ଇନ୍‌ସାଇଡର ଟ୍ରେଡିଂ ନିୟମଗୁଡ଼ିକର ଉଲ୍ଲଂଘନ କରିଥିବାରୁ ଚୋକ୍‌ସିଙ୍କ ଉପରେ ୨.୧ କୋଟି ଟଙ୍କାର ଜରିମାନା ଲଗାଯାଇଥିଲା । ଏଥିରେ ୧.୫ କୋଟି ଟଙ୍କାର ଜରିମାନା ଏବଂ ୬୦ ଲକ୍ଷ ଟଙ୍କାର ସୁଧ ରାଶି ରହିଛି ।

# 'ଗୁପ୍ତଚର' ଜସବୀରର ମୋବାଇଲରୁ ମିଳିଲା ୧୫୦ ପାକିସ୍ତାନୀ ନମ୍ବର

*ପୁଲିସ ଅନୁସାରେ, ୟୁଟ୍ୟୁବର ଜସବୀର ସିଂହ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର ଜ୍ୟୋତି ମାଲହୋତ୍ରା ସହ କଥିତ ରୂପେ ସଂପର୍କରେ ଥିଲା, ଯିଏ ପାକିସ୍ତାନ ପାଇଁ ଗୁପ୍ତଚର କାମ କରିବା ଅଭିଯୋଗରେ ଏବେ ହେପାଜତରେ ଅଛି ।*



**ନୂଆଦିଲ୍ଲୀ :** ପାକିସ୍ତାନ ପାଇଁ ଗୁପ୍ତଚର କାମ କରିବା ଅଭିଯୋଗରେ ଗିରଫ କରାଯାଇ ଥିବା ପଞ୍ଜାବର ୟୁଟ୍ୟୁବର ଜସବୀର ସିଂହଙ୍କୁ ନେଇ ଅନେକ ଖୁଲାସା ହେଉଛି । ସେ ଗତ କିଛି ଦିନରୁ ୬ଥର ପାକିସ୍ତାନ ଯାତ୍ରା କରି ସାରି ଥିଲେ ଏବଂ ତାଙ୍କର ମୋବାଇଲରୁ ପାକିସ୍ତାନର ୧୫୦ଟି କଣ୍ଟାକ୍ଟ ମିଳିଛି । ଜସବୀରଙ୍କୁ ୪ ଜୁନରେ ପାକିସ୍ତାନ ପାଇଁ ଗୁପ୍ତଚର କରିବା ଅଭିଯୋଗରେ ଗିରଫ କରାଯାଇ ଥିଲା। ଶନିବାର ପଞ୍ଜାବର ଏକ କୋର୍ଟ ତାଙ୍କର ହେପାଜତକୁ ଦୁଇ ଦିନ ପାଇଁ ଆହୁରି ବଢାଇ ଦେଇଛନ୍ତି। ଏହା ପୂର୍ବରୁ, ଜ୍ୟୋତି ମାଲହୋତ୍ରାଙ୍କ ସମେତ ଆହୁରି ଅନେକଙ୍କର ମଧ୍ୟ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇ ସାରିଛି ।

ଏନଡିଟିଭି ଅନୁସାରେ, 'ଜାନମହଲ ଭିଡ଼ିଓ' ୟୁଟ୍ୟୁବ୍ ଚ୍ୟାନେଲ୍ ଚଲାଉ ଥିବା ଜସବୀର ପୁଲିସକୁ ରିମାଣ୍ଡ ବେଳେ କହିଛି ଯେ,ସେ ନିଜର ଲ୍ୟାପଟପ୍ ପାକିସ୍ତାନର ଗୁଇନ୍ଦା ଅଧିକାରୀଙ୍କୁ ଘଣ୍ଟାଏ ପାଇଁ ଦେଇ ଥିଲା । ସେ ମଧ୍ୟ ଜ୍ୟୋତି ମାଲହୋତ୍ରାଙ୍କ ପରି ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇର ଅପରେଟିଭ୍ ଡାନିସ୍ ଓରଫ ଏହସାନ-ଉର-ରହମାନଙ୍କ ସଂପର୍କରେ ଥିଲେ। ସେ ପଞ୍ଜାବର ମୋହାଲୀର ଏକ କୋର୍ଟକୁ କହିଛନ୍ତି ଯେ, ତାଙ୍କୁ ଜଣେ ମହିଳା ବନ୍ଧୁ ଡାନିସ୍‌ଙ୍କ ସହ ଭେଟ କରାଇ ଥିଲେ ।

ଜସବୀର ପୁଲିସକୁ ପଚରାପଚରି ବେଳେ କହିଥିଲେ କି, ଡାନିସ୍ ହିଁ ଏଥିପାଇଁ କିଛି ସିମ୍ କାର୍ଡ ମଧ୍ୟ ଅର୍ଡର କରିଥିଲା। ଗୁପ୍ତଚର ନେଟୱାର୍କରେ ଡାନିସର କନେକ୍ସନ ମିଳିବା ପରେ ସରକାର କଡ଼ା ଆକ୍ସନ ନେଇ ତାକୁ ପାକିସ୍ତାନ ପଠାଇ ଦେଇ ଥିଲେ । ଏହା ପୂର୍ବରୁ ଜସବୀରକୁ ପାକିସ୍ତାନର ଗୁଇନ୍ଦା ଅଧିକାରୀ ଶାକିର ଓରଫ ଜଟ୍ଟ ରନ୍ଧାୱାଙ୍କ ସହ ଲିଙ୍କ୍ ଥିବାର ମଧ୍ୟ ଜଣାପଡି ଥିଲା ଏବଂ ଏହା ସାମନାକୁ ଆସିଛି ୨୦୨୦,୨୦୨୧ ଓ ୨୦୨୪ରେ ପାକିସ୍ତାନକୁ ନିଜର ଯାତ୍ରା ବେଳେ, ସେ ଆଇଏସଆଇ ଅଧିକାରୀଙ୍କ ସିଧା ସଂପର୍କରେ ଆସିଥିଲେ । ସେ ଖୁଲାସା କରିଥିଲେ ଯେ, ପାକିସ୍ତାନର ପୂର୍ବତନ ପୁଲିସକର୍ମୀ ନାସିର ଢିଲ୍ଲୋନ ତାକୁ ଲାହୋରରେ ଆଇଏସଆଇର ଅଧିକାରୀଙ୍କ ସହ ପରିଚୟ କରାଇ ଥିଲେ ।

ଶନିବାର, ତିନି ଦିନର ପୁଲିସ ହେପାଜତର ଅବଧି ସରିବା ପରେ ଜସବୀର ସିଂହକୁ କୋର୍ଟରେ ହାଜର କରାଯାଇ ଥିଲା । ଜସବୀରର ଓକିଲ କହିଛନ୍ତି, ପୁଲିସ ତାକୁ ୭ଦିନର ରିମାଣ୍ଡ ଦେବାକୁ ଅନୁରୋଧ କରିଥିଲା, କିନ୍ତୁ କୋର୍ଟ ଦୁଇ ଦିନ ପାଇଁ ହେପାଜତରେ ପଠାଇ ଥିଲା । ପୁଲିସ ଅନୁସାରେ, ୟୁଟ୍ୟୁବର ଜସବୀର ସିଂହ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର ଜ୍ୟୋତି ମାଲହୋତ୍ରା ସହ କଥିତ ରୂପେ ସଂପର୍କରେ ଥିଲା, ଯିଏ ପାକିସ୍ତାନ ପାଇଁ ଗୁପ୍ତଚର କାମ କରିବା ଅଭିଯୋଗରେ ଏବେ ହେପାଜତରେ ଅଛି । ରୂପନଗର ଜିଲ୍ଲାର ମହଲାନ ଗାଁ ନିବାସୀ ଜସବୀର ସିଂହ ଓରଫ ଜାନ ମହଲ (୪୧) ର ୟୁଟ୍ୟୁବରେ ୧୧ ଲକ୍ଷରୁ ଅଧିକ ସବ୍ସକ୍ରାଇବର ଅଛନ୍ତି । ଜସବୀର ସିଂହର ଚ୍ୟାନେଲ ନାଁ 'ଜାନ୍ ମହଲ ଭିଡ଼ିଓ', ଯାହା ଉପରେ ସେ କଥିତ ଭାବେ ଯାତ୍ରା ଓ ଖାଦ୍ୟ ରୋଷେଇ ସମ୍ବନ୍ଧିତ ଭିଡ଼ିଓ ବ୍ଲଗ୍ ପୋଷ୍ଟ କରୁଥିଲା ।

# ଡେଟିଂ ଆପ୍ ଚଲାଉଥିଲା ଖଲିସ୍ତାନୀ ନେତା ଅମୃତପାଲ ସିଂହ

## ହତ୍ୟା ମାମଲାରେ 'ଟିଣ୍ଡର'ଠାରୁ ପୋଲିସ ମାଗିଲା ତଥ୍ୟ

**ନୂଆଦିଲ୍ଲୀ:** ପଞ୍ଜାବ ପୋଲିସ ଡେଟିଂ ଆପ୍ 'ଟିଣ୍ଡର'ରୁ ଏକ ଆକଉଣ୍ଟ ବିଷୟରେ ସୂଚନା ମାଗିଛି । ଯାହାକି ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଖଣ୍ଡୁର ସାହିବରୁ ସାଂସଦ ଥିବା ଅମୃତପାଲ ସିଂହର ମାମଲା ସହ ଜଡିତ।

### ଅମୃତପାଲ ସିଂହ ଉପରେ ଜଣେ ଶିଖ୍ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା ମାମଲା ରୁଜୁ କାଯାଇଛି ।

ଅମୃତପାଲ ସିଂହ ଉପରେ ଜଣେ ଶିଖ୍ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା ମାମଲା ରୁଜୁ କାଯାଇଛି । 'ଟିଣ୍ଡର'କୁ ପଠାଯାଇଥିବା ବାର୍ତ୍ତାରେ ଫରିଦାକୋଟ୍ ପୋଲିସ କହିଛି ଶିଖ୍ କାର୍ଯ୍ୟକର୍ତ୍ତା ଗୁରପ୍ରୀତ ସିଂହ ହରି ନୌ ହତ୍ୟା ମାମଲାରେ ଯାଞ୍ଚ ଚାଲିଛି । ଗୁରପ୍ରୀତ ଗତ ବର୍ଷ ୯ ଅକ୍ଟୋବରରେ ନିଜ ଗାଁର ଗୁରୁଦ୍ୱାରରୁ ଫେରିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା ।

ଗୁରପ୍ରୀତ ଅତୀତରେ ଅମୃତପାଲ ସିଂହର ନେତୃତ୍ୱାଧୀନ କଟ୍ଟରପନ୍ଥୀ ସଂଗଠନ 'ବାରିସ୍ ପଞ୍ଜାବ ଦେ'ର ସଦସ୍ୟ ଥିଲା। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଗତ ବର୍ଷ ଅକ୍ଟୋବରରେ ଦାବି କରିଥିଲେ ଗୁରପ୍ରୀତ ହତ୍ୟା କଥିତ ଭାବରେ ଅମୃତପାଲ ସିଂହ ଇଶାରାରେ ହୋଇଥିଲା। ଯିଏକି ବର୍ତ୍ତମାନ ରାଷ୍ଟ୍ରୀୟ ସୁରକ୍ଷା ଆଇନ ଅନୁସାରେ ଜେଲ୍‌ରେ ଅଛି ।

ପୋଲିସ ଏହା ମଧ୍ୟ ଦାବି କରିଛି ଯେ, ଗ୍ୟାଙ୍ଗଷ୍ଟରରୁ ଆତଙ୍କବାଦୀ ହୋଇଥିବା ଅର୍ଶଦୀପ ଓରଫ୍ ଅର୍ଶ ଦଲ୍ଲା ଏହି ହତ୍ୟାର ମୁଖ୍ୟ ଅଭିଯୁକ୍ତ। ତା ଗୋଷ୍ଠୀର ଦୁଇ ସୁଟରକୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଓ ଶସ୍ତ୍ର ଅଧିନିୟମ ସମ୍ପର୍କିତ ଧାରା ଅନୁସାରେ, ରୁଜୁ କରାଯାଇଥିବା ମାମଲାରେ ଗିରଫ କରାଯାଇଛି।



# ନିଶା ନିବାରଣ ପାଇଁ ସଚେତନତା ଅଭିଯାନ

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ନିଶାଦ୍ରବ୍ୟ ସେବନ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ସେବନ ବିରୋଧରେ ଏକ ସଚେତନତା ଅଭିଯାନ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନ ସଚେତନତା ଅଭିଯାନ ବୈଠକକୁ ଜିଲ୍ଲା ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ରମେଶ ଚନ୍ଦ୍ର ସାହୁକାର ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ମଙ୍ଗଳା ମାଢୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଭଗବାନ ସାହୁ, ଅବକାରୀ ସହକାରୀ ସବ୍ ଇନ୍ସପେକ୍ଟର ରାମଚନ୍ଦ୍ର ହନ୍ତାଳ, କନେଷ୍ଟବଳ ସରୀତା ନାୟକ, ନାଗେଶ୍ ପଣ୍ଡା, ଚନ୍ଦ୍ରକାନ୍ତ ନାୟକ ଓ ପୋଲିସ ବିଭାଗ ତରଫରୁ ଏ. ଶ୍ରୀରାମ ପ୍ରମୁଖ ଉପସ୍ଥିତ ଥିଲେ ।

ଅବକାରୀ ଅଧିକାରୀ ଶ୍ରୀ ସାହୁକାର ସୂଚନା ଦେଇ କହିଥିଲେ ଯେ, ଓଡ଼ିଶା ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଇ ୩୧ ଠାରୁ ଜୁନ୍ ୨୭ ପର୍ଯ୍ୟନ୍ତ ଚାଲିଥିବା ନିଶା ନିବାରଣ ସଚେତନତା ଅଭିଯାନ ମାଲକାନଗିରି ଜିଲ୍ଲାର ପ୍ରୁରପଲ୍ଲୀରେ ଆୟୋଜନ କରାଯିବ ଯେଉଁଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କର ସହଭାଗିତାକୁ ପ୍ରାଥମିକତା ଦିଆଯିବ । ସେ ଆହୁରି କହିଥିଲେ ଯେ, ଯଦି ଆମର ସମୂହ ଯୁବ ସମ୍ବଳ ନିଶାଦ୍ରବ୍ୟ ସେବନରେ ଗ୍ରସିତ ରୁହନ୍ତି ତେବେ ମାନବ ମୂଲ୍ୟର ଅବକ୍ଷୟ ହେବା ସହ ଯୁବ ସମ୍ବଳର ବିକାଶ ଓ ଦେଶର ଅର୍ଥନୀତିରେ ଏହାର ପ୍ରତିକୂଳ ପ୍ରଭାବ ପକାଇବ ଏବଂ ଏଥିପାଇଁ ବର୍ତ୍ତମାନ ସମୟ ଆସିଯାଇଛି ସମସ୍ତଙ୍କୁ ସଚେତନ କରି ଯୁବ ସମାଜକୁ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର ସେବନରୁ ଦୂରେଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା । ଶେଷରେ ଖଇରପୁଟ ବ୍ଲକର ମା ପଦ୍ମିନି କଳା ଓ ସଚେତନତା ସଂଘ ତରଫରୁ ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ 'ନିଶାର ଭୟାବହତା' ସମ୍ପର୍କରେ ଏକ ଲଘୁ ନାଟକ ମଂଚସ୍ଥ କରାଯାଇଥିଲା ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ ।

## ବାଲିମେଳା ଜଳଭଣ୍ଡାରରେ ଡ଼ଙ୍ଗା ବୁଡ଼ି ଜଣେ ନିଖୋଜ

**ମାଲକାନଗିରି:** ବାଲିମେଳା ଜଳଭଣ୍ଡାରରେ ଡ଼ଙ୍ଗା ବୁଡ଼ି ଜଣେ ନିଖୋଜ ଥିବା ଜଣାପଡିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ସ୍ୱାଭିମାନ ଅଞ୍ଚଳର ଓରାପଦର ଘାଟରେ । ଗତକାଲି ଅପରାହ୍ନରେ ଏକ ଦେଶୀ ଡ଼ଙ୍ଗା ରେ ଜଣେ ଯୁବକ ନଦୀ ପାର କରୁଥିଲେ। ତେବେ ହଠାତ୍ କାଳବୈଶାଖୀ ଯୋଗୁଁ ଡଙ୍ଗାଟି ଓଲଟି ପଡିଥିଲା। ଶଙ୍କା ପଲାସି ନାମକ ଯୁବକ ପାଣିରେ ବୁଡ଼ି ଯାଇଥିଲେ। ସଂଧ୍ୟା ପର୍ଯ୍ୟନ୍ତ ପୁଅ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଯୁବକ ଜଣକ ହେଲେ ନାକାମାମୁଡି ପଞ୍ଚାୟତର ବାଟାଗୁଡା ଗ୍ରମାର ସୁକ୍ରା ପଲାସିଙ୍କ ପୁଅ ଶଙ୍କା ପଲାସି। କାଲି ସଂଧ୍ୟା ସୁଦ୍ଧା ଯୁବକଙ୍କ ଶବ ଉଦ୍ଧାର ହୋଇପାରିନଥିଲା ।ଆଜି ସକାଳୁ ପୁଣି ଅଗ୍ନିଶମ ଏବଂ ପୁଲିସ ତରଫରୁ ତଦନ୍ତ ଆରମ୍ଭ ହୋଇଛି।

# ଗାଜା ଉପରେ ଇସ୍ରାଏଲ୍‌ରେ ପୁଣି ଏୟାରଷ୍ଟ୍ରାଇକ୍

**ନୂଆଦିଲ୍ଲୀ:** ଇସ୍ରାଏଲ ଶନିବାର ଦିନ କହିଛି ଯେ ଗାଜା ପଟିରେ ହମାସ ଆକ୍ରମଣ ସମୟରେ ବନ୍ଧକ ରଖାଯାଇଥିବା ଜଣେ ଥାଇ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ସେହି ସମୟରେ, ଇସ୍ରାଏଲି ସେନା ଗାଜା ଉପରେ ଆକ୍ରମଣ ଜାରି ରଖିଛି । ଗାଜା ସ୍ୱାସ୍ଥ୍ୟ

### ୯୫ରୁ ଅଧିକ ଲୋକଙ୍କ ମୃତ୍ୟୁ, ଅନେକ ଆହତ

ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଏହି ଆକ୍ରମଣରେ ଅତି କମରେ ୯୫ ଜଣଙ୍କର ମୃତ୍ୟୁ ହୋଇଛି । ଆପଣଙ୍କୁ କହି ରଖୁଛୁ ଯେ ଥାଇ ନାଗରିକ କୃଷି କାମ କରିବାକୁ ଇସ୍ରାଏଲ ଆସିଥିଲେ। ଇସ୍ରାଏଲୀ ସରକାର କହିଛି ଯେ ତାଙ୍କୁ କିବୁଟଜ୍ ନିର ଓଜ୍ ରୁ ବନ୍ଦୀ କରାଯାଇଥିଲା ଏବଂ ୭ ଅକ୍ଟୋବର, ୨୦୨୩ ରେ ଆରମ୍ଭ ହୋଇଥିବା ଯୁଦ୍ଧର ଆରମ୍ଭରେ ତାଙ୍କୁ ହତ୍ୟା କରାଯାଇଥିଲା।

ଥାଇଲାଣ୍ଡର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଅନ୍ୟ ଦୁଇ ନାଗରିକଙ୍କ ମୃତଦେହ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ। ବନ୍ଦୀ କରାଯାଇଥିବା ବିଦେଶୀଙ୍କ ମଧ୍ୟରୁ ଥାଇ ଲୋକ ସବୁଠାରୁ ବଡ଼ ଗୋଷ୍ଠୀ ଥିଲେ। ଅନେକ ଦକ୍ଷିଣ ଇସ୍ରାଏଲୀ କିବୁଟଜିମ୍ ଏବଂ ସହର ଗୁଡ଼ିକର ଉପକଣ୍ଠରେ ରହୁଥିଲେ, ଯେଉଁଠାରେ ଆକ୍ରମଣ ଦ୍ୱାରା ପ୍ରଥମେ ପ୍ରଭାବିତ ହୋଇଥିଲେ। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଯୁଦ୍ଧ ସମୟରେ ୪୬ ଥାଇ ଲୋକଙ୍କର ମୃତ୍ୟୁ ହୋଇଛି।

ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ପିଣ୍ଟାଙ୍କ ମୃତଦେହ ଦକ୍ଷିଣ ଗାଜାର ରାଫା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସେନା କହିଛି ଯେ ତାଙ୍କୁ ମୁଜାହିଦିନ୍ ବ୍ରିଗେଡ୍ ଦ୍ୱାରା ଗିରଫ କରାଯାଇଛି। ଏକ ଛୋଟ ସଶସ୍ତ୍ର ଗୋଷ୍ଠୀ ଯେଉଁମାନେ ଦୁଇ ଇସ୍ରାଏଲୀ-ଆମେରିକୀୟ ବନ୍ଧକ, ଯିହୂଦା ୱେଇନଷ୍ଟାଇନ୍ ଏବଂ ଗାଡ୍ ହାଗାଇଙ୍କୁ ମଧ୍ୟ ରଖିଥିଲେ। ଯାହାଙ୍କ ମୃତଦେହ ଗୁରୁବାର ଦିନ ଉଦ୍ଧାର କରାଯାଇଥିଲା। ଇସ୍ରାଏଲୀ ସେନା ପରେ କହିଛି ଯେ ଏହା ଶନିବାର ଗାଜା ସହରରେ ମୁଜାହିଦିନ୍ ବ୍ରିଗେଡ୍ ମୁଖ୍ୟ ଅସାଦ ଆବି ସାରିଆଙ୍କୁ ହତ୍ୟା କରିଛି। ଗାଜାରେ ଏବେ ବି ୫୫ ବନ୍ଧକ ଅଛନ୍ତି। ଇସ୍ରାଏଲ କହିଛି ଯେ ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ମୃତ। ଶନିବାର ସନ୍ଧ୍ୟାରେ, ପରିବାରମାନେ ଇସ୍ରାଏଲରେ ପୁଣି ଏକତ୍ରିତ ହୋଇ ସମସ୍ତଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଯୁଦ୍ଧବିରତି ଚୁକ୍ତି ଦାବି କରିଥିଲେ।

ହମାସ ଚେତାବନୀ ଜାରି କରି କହିଛି ଯେ ଇସ୍ରାଏଲୀ ସେନା ତାଙ୍କୁ ବନ୍ଦୀ ଥିବା ଅଞ୍ଚଳକୁ ଘେରି ରଖିଛନ୍ତି ଏବଂ ଉଦ୍ଧାର ପ୍ରୟାସ ସମୟରେ ତାଙ୍କର ଯେକୌଣସି କ୍ଷତି ପାଇଁ ଇସ୍ରାଏଲ ଦାୟୀ ରହିବ। ଇସ୍ରାଏଲୀ ସେନା ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ।



## ରାଶିଫଳ

**ମେଷ:** ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବାରୁ ମନ ଖୁସି ରହିବ । ଆର୍ଥିକ ସମସ୍ୟା ଦୂର ହେବ ଏବଂ ବ୍ୟବସାୟରେ ଲାଭ ମିଳିବ। ପରିବାରରେ ହସଖୁସିରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ।

**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ଆସିବାରୁ ମନୋବଳ ବୃଦ୍ଧି ହେବ ଓ ଘରକୁ ବନ୍ଧୁ ଆସିବେ। ବ୍ୟବସାୟରେ ବାକି ପଡିଥିବା ଅର୍ଥ ହାତକୁ ଆସିବାରୁ ଘର ପାଇଁ ନୂତନ ଦ୍ରବ୍ୟ କ୍ରୟ କରିବେ ।ସନ୍ତାନ ମାନଙ୍କର ପାଠପଢ଼ାରେ ଉନ୍ନତି ହେବ ।

**ମିଥୁନ:** କର୍ମକ୍ଷେତ୍ରରେ ମାନସମ୍ମାନ ମିଳିବ ଏବଂ ନୂଆ କାର୍ଯ୍ୟ ପାଇଁ ବନ୍ଧୁଙ୍କର ସହଯୋଗ ଲୋଡିବେ। ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେବା ସହିତ ସୁସ୍ୱାଦୁ ଭୋଜନ କରିବେ । ବ୍ୟବସାୟରେ ଲାଭ ମିଳିବ, ନିର୍ମାଣାଧୀନ କାର୍ଯ୍ୟ ପାଇଁ ସହଯୋଗ ମିଳିବ।

**କର୍କଟ:** ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢିବା ସମ୍ଭବ ହେବ। ପ୍ରକୃତିସ୍ଥ ହୋଇ ଚଳିଲେ ଦୁର୍ଗତିରୁ ସୁରକ୍ଷିତ ରହିହେବ। ପୁରୁଣା ରୋଗର ପ୍ରକୋପ ବୃଦ୍ଧି ପାଇବା ସହ ଶତ୍ରୁମାନେ ପୁଣି ଥରେ ପଛରେ ପଡ଼ି ପାରନ୍ତି। ଓ ଚାକିରି ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ ।

**ସିଂହ:** ଶୁଭ କାମ କରି ପ୍ରଶଂସିତ ହେବେ ଓ ସାହିତ୍ୟଚର୍ଚ୍ଚା, ସଭାସମିତିରେ ସଫଳତା ମିଳିବ। ରାଜନୀତି କ୍ଷେତ୍ରରେ ସହଯୋଗୀ ମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ। ଭାଗିଦାରଙ୍କ ସହ ମିଶି ବ୍ୟବସାୟ ବୃଦ୍ଧି କରିବେ।

**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ । ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି । ବାହନରେ କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍।

**ତୁଳା:** ପୁରାତନ ରୋଗ ପ୍ରକୋପର ଉପଶମ ହୋଇ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ଜମିବାଡ଼ି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହେବା ଫଳରେ ବଡ କାମ କରିବାକୁ ଇଚ୍ଛା ଜାଗ୍ରତ ହେବ।

**ବିଛା:** କଳା, ସାହିତ୍ୟ, ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଦବିବାଦ, ମାଲିମୋକଦ୍ଦମା, ପରୀକ୍ଷା, ପ୍ରତିଯୋଗିତାରେ ସଫଳତା ମିଳିବ। କିନ୍ତୁ ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ ପରି କାର୍ଯ୍ୟରେ ସଫଳତା ଅର୍ଜନ କରି ଆନନ୍ଦିତ ହେବେ।

**ଧନୁ:** କୌଣସି ବ୍ୟକ୍ତି ପରୋକ୍ଷରେ ଆକ୍ଷେପ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ସମ୍ମାନ ପ୍ରାପ୍ତିର ଯୋଗ ରହିଛି। ଅସାବଧାନତା କାରଣରୁ କୌଣସି ଜିନିଷ ହଜି ଯାଇପାରେ।

**ମକର:** ଘରକୁ ବନ୍ଧୁଙ୍କର ଆଗମନ ହେବାରୁ ମନ ଖୁସି ରହିବ ଓ ସୁସ୍ୱାଦୁ ଭୋଜନ କରିବେ। ଦୂରସ୍ଥାନକୁ ଗଲାବେଳେ ସାବଧାନ ସହିତ ଯାଆନ୍ତୁ ଏବଂ କାହାରି ସହିତ କଳହ କରନ୍ତୁ ନାହିଁ। ଛାତ୍ରଛାତ୍ରୀ ପାଠପଢ଼ାରେ ଉନ୍ନତି କରିବେ ।

**କୁମ୍ଭ:** ଆମୋଦପ୍ରମୋଦରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ। ବ୍ୟବସାୟରେ ଲାଭ ମିଳିବାରୁ ମନ ଖୁସି ରହିବ ଏବଂ ଭ୍ରମଣ ଯୋଗ ରହିଛି। ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବ ଓ ଘରକୁ ଅତିଥିଙ୍କର ଆଗମନ ହେବ ।

**ମୀନ:** ପାରିବାରିକ ସମସ୍ୟା ଦେଖାଯିବାରୁ ମନରେ ଅସ୍ଥିରତା ବୃଦ୍ଧି ହେବ ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ। କର୍ମକ୍ଷେତ୍ରରେ ନିଜ ଲୋକ ଅସୁବିଧାରେ ପକାଇ ପାରନ୍ତି ସେଥିପାଇଁ ସତର୍କ ରୁହନ୍ତୁ । ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ନ ମିଳିବାରୁ ମନ ଭଲ ରହିବ ନାହିଁ । ଚାକିରି କ୍ଷେତ୍ରରେ ସଫଳତା ପାଇବେ।



# ମଧୁମେହରେ ପିଡ଼ୀତ ଥିଲେ...

**ଦିନକୁ ଦିନ ଭାରତ ତଥା ବିଶ୍ୱରେ ବୃଦ୍ଧି ପାଉଛି ମଧୁମେହ । ଏହି ରୋଗୀମାନଙ୍କୁ ଖାଦ୍ୟପେୟରେ ବିଶେଷ ଭାବରେ ଏହି ରୋଗୀମାନଙ୍କୁ ଖାଦ୍ୟପେୟରେ ବିଶେଷ ଯତ୍ନ ନେବା ଆବଶ୍ୟକ ହୋଇଥାଏ । ବିଶେଷ କରି ସକାଳ ଜଳଖିଆ ରୋଗୀଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି । ଏପରି ପରିସ୍ଥିତିରେ ଯଦି ଆପଣ ସଠିକ ଖାଦ୍ୟ ନ ଖାଇବେ ତେବେ ମଧୁମେହ ରୋଗୀଙ୍କ ବ୍ଲଡସୁଗାର ସ୍ତର ବଢିବା ସହ ସ୍ଥିତି ଗମ୍ଭୀର ହୋଇପାରେ । ତେଣୁ ମଧୁମେହ ରୋଗରେ ପୀଡ଼ିତ ଲୋକମାନେ ନିଜ ଖାଦ୍ୟପେୟ ଉପରେ ବିଶେଷ ଯତ୍ନ ଦେବା ସହ କ'ଣ ଖାଇବା ଉଚିତ, କ'ଣ ଖାଇବା ଉଚିତ୍ ନୁହେଁ ଆସନ୍ତୁ ଜାଣିବା**

ଫଳ ରସ: ବିଶେଷଜ୍ଞମାନେ ଚେତବନୀ ଦେଇଛନ୍ତି ଯେ ମଧୁମେହ ରୋଗୀମାନେ ଯଦି ଖାଲି ପେଟର ଫଳରସ ପିଉଛନ୍ତି , ତେବେ ତାହା ରକ୍ତରେ ଶର୍କରା ସ୍ତରର ଶୀଘ୍ର ବୃଦ୍ଧି ଘଟାଇପାରେ । କାରଣ ଫଳ ରସରେ ଫାଇବର କମ୍ ଏବଂ ଚିନି ଅଧିକ ମାତ୍ରାରେ ଥାଏ । ସେଥିପାଇଁ ସେମାନଙ୍କ ଠାରୁ ଦୂରରେ ରହିବାକୁ କୁହାଯାଏ । ୨୦୦୮ ମସିହାରେ 'ଡାଇବେଟିସ୍ କେୟାର' ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ ମଧୁମେହ ରୋଗୀ ଯେଉଁମାନେ ସକାଳେ ଫଳ ରସ ପିଉଥିଲେ ସେମାନଙ୍କ ରକ୍ତରେ ଶର୍କରା ସ୍ତର ବଢିଯାଇଥିଲା ।

ବ୍ରେଡ: ବଜାରରେ ଉପଲବ୍ଧ ଅଧିକାଂଶ ପ୍ରକାରର ବ୍ରେଡରେ ଚିନି, ପ୍ରକ୍ରିୟାକୃତ କାର୍ବୋହାଇଡ୍ରେଟ୍ ଏବଂ ହାଇଡ୍ରୋଜେନେଟେଡ୍ ତେଲ ପରି ବିଭିନ୍ନ ଉପାଦାନ ଅଧିକ ଥାଏ । ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ ମଧୁମେହ ରୋଗୀମାନେ ଜଳଖିଆ ପାଇଁ ବ୍ରେଡ ଖାଇଲେ ସେମାନଙ୍କ ସୁଗାର ସ୍ତର ବଢିପାରେ ।

ଚା' ଏବଂ କଫି ସେବନ କରନ୍ତୁ ନାହିଁ: ଅନେକ ଲୋକ ସକାଳୁ ଉଠିବା ମାତ୍ରେ କଫି କିମ୍ବା ଚା' ପିଇବାକୁ ଭଲପାଆନ୍ତି । କିନ୍ତୁ ଖାଲି ପେଟରେ କଫି କିମ୍ବା ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ମଧୁମେହ ରୋଗୀମାନେ ସକାଳେ ଖାଲି ପେଟରେ ଏହା ସେବନ କରିବା ଉଚିତ୍ ନୁହେଁ । ଜଳଖିଆରେ ଚା' ଖାଇବା ଦ୍ୱାରା ଅନେକ ସମସ୍ୟା ହୋଇପାରେ ।

ଜଳଖିଆରେ କ'ଣ ଖାଇବା ଉଚିତ

ମଧୁମେହ ରୋଗୀମାନେ ଜଳଖିଆରେ ଫାଇବର ଏବଂ ପ୍ରୋଟିନ ଭରପୂର ଖାଦ୍ୟ ଖାଇବା ଉଚିତ । ତେଣୁ ସକାଳ ଜଳଖିଆ ପାଇଁ ସିଝା ଅଣ୍ଡା କିମ୍ବା ଅମଲେଟ୍ ଖାଇବାକୁ ପରାମର୍ଶ ଦିଆଯାଇଛି । ସେହିପରି ଜଳଖିଆରେ ଶସ୍ୟ ଜାତୀୟ ପ୍ରସ୍ତୁତ ଖାଦ୍ୟ ଖାଇବା ଉଚିତ । ଦଳିଆ ଖାଇବା ଦ୍ୱାରା ସୁଗାର ସ୍ତର ନିୟନ୍ତ୍ରଣରେ ରହିଥାଏ ବୋଲି କୁହାଯାଏ ।

# ହୃଦ୍‌ଘାତ ପୂର୍ବରୁ ଦେଖାଯାଏ ଏହିସବୁ ଲକ୍ଷଣ

**ଅନିୟମିତ ଦିନଚର୍ଯ୍ୟା ଓ ଭୁଲ୍ ଖାଦ୍ୟପେୟ ହିଁ ହୃଦ୍‌ରୋଗ ଆଶଙ୍କାକୁ ବଢ଼ାଇ ଦେଇଛି । ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ୍ ସମସ୍ୟା ଦେଖାଦେଉଥିଲା । କିନ୍ତୁ, ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକ୍‌ର ଶିକାର ହେଉଛନ୍ତି । ହେଲେ ହାର୍ଟ ଆଟାକ୍‌ର ଶିକାର ହେଉଛନ୍ତି । ହେଲେ ହାର୍ଟ ଆଟାକ୍ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ । ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ । ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ସ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବିତାଇ ପାରିବେ । ଆସନ୍ତୁ ଜାଣିବା ହାର୍ଟ ଆଟାକ୍ ପୂର୍ବ ସଙ୍କେତ କ'ଣ ସବୁ ରହିଛି ?**



ଛାତିରେ ଯନ୍ତ୍ରଣା :

ଯଦି ଆପଣଙ୍କ ଛାତିରେ ଖୁବ୍ ଜୋରରେ ଯନ୍ତ୍ରଣା ହେଉଛି, ଶରୀର ଭାରି ଲାଗୁଛି, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି, ତେବେ ଏହା ହୃଦୟ ସମସ୍ୟା ସମ୍ବନ୍ଧୀୟ । ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ପେଟ ସମ୍ବନ୍ଧୀୟ ସମସ୍ୟା :

ହୃଦ୍ ସମ୍ବନ୍ଧୀୟ ରୋଗର ମୁଖ୍ୟ କାରଣ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା । ଯଦି ଖାଇ ସାରିବା ପରେ ବଦହଜମି ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ କିଛି ଅସହଜ ଅନୁଭବ କରୁଛନ୍ତି । ତେବେ ଏହାକୁ ହୃଦ୍‌ରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ । ଏ ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ ।



ଗୋଡ଼ ଫୁଲିବା :

ରିପୋର୍ଟ ଅନୁସାରେ, ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ । ଯେତେବେଳେ ହାର୍ଟ ଭଲଭାବେ ଫଙ୍କସନ୍ କରିପାରେନାହିଁ, ସେତେବେଳେ ପାଦ ଫୁଲିଯାଏ ।

ଥକ୍କା ଅନୁଭବ କରିବା :

ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ୍ ଭାବେ ହୋଇପାରେନାହିଁ । ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ । ଯଦି ଆପଣ କୌଣସି କାମ ନ କରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ରକ୍ଷାପାଇବେ କିପରି ?

ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ୍ ଉପରେ ଧ୍ୟାନ ଦିଅନ୍ତୁ । ସ୍ମୋକିଂ ଓ ଡ୍ରିଙ୍କିଂରୁ ଦୂରେଇ ରୁହନ୍ତୁ । କ୍ଷୀର ଚା' ପିଅନ୍ତୁ ନାହିଁ । ସବୁଜ ପନିପରିବା ଖାଆନ୍ତୁ । ଗଜା, ବୁଟ ଓ ମୁଗ ଖାଆନ୍ତୁ । ନିୟମିତ ବ୍ରିଦିଂ ଏକ୍ସରସାଇଜ୍ କରନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ଫଳ ରସ ଓ ପଇଡ଼ ପାଣି ପିଅନ୍ତୁ ।

# କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ । ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ । ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ । କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...

କିସମିସ୍ ପାଣିର ଉପକାରିତା

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ । ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ ।

କିସମିସ୍ ପାଣିର ଅପକାରିତା

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ । ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ । ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ।

ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ । ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ବନ କରିବା ଉଚିତ୍ ।





# ବିଳମ୍ବିତ ରାତିରେ ଖାଇବା ଅଭ୍ୟାସ କରନ୍ତୁ ନାହିଁ

**ରାତି ସମୟରେ ଶରୀରର ମେଟାବଲିଜିମ୍ ଧୀର ହୋଇଯାଏ । ଦିନ ତୁଳନାରେ ରାତିରେ କ୍ୟାଲୋରି ବର୍ଣ୍ଣ କରିବା ବି ମୁସ୍କିଲ୍ ହୋଇପଡ଼େ । ଏଥିପାଇଁ ବିଳମ୍ବିତ ରାତିରେ ଖାଇଲେ ଆପଣଙ୍କ ଓଜନ ବୃଦ୍ଧି ପାଇବାର ସମ୍ଭାବନା ମଧ୍ୟ ରହିଛି ।**

ମନେରଖନ୍ତୁ ନିଜ ସ୍ୱାସ୍ଥ୍ୟ ସବୁବେଳେ ନିଜ ହାତରେ ଥାଏ । ଆପଣ ଆପଣଙ୍କ ଶରୀରର ଯେପରି ଯତ୍ନ ନେବେ ଆପଣଙ୍କ ଶରୀର ବି ସେପରି ଫଳ ଦେବ । ଆପଣ ଯଦି ଆପଣଙ୍କ ଶରୀର ପ୍ରତି ଯତ୍ନଶୂନ୍ୟ ହେବେ ତ, ତାହାର ପରିଣାମ ଆପଣଙ୍କୁ ଭୋଗିବାକୁ ପଡ଼ିବ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ରାତିରେ ବିଳମ୍ବରେ ଖାଇଥାନ୍ତି । ଏହା ଶରୀର ପାଇଁ ଆଦୌ ବି ଶୁଭଙ୍କର ନୁହେଁ । ଯଦି ଏପରି କେବେ କିପରି ହୋଇଯାଉଛି ତ କୌଣସି ସମସ୍ୟା ନାହିଁ । ମାତ୍ର ଏପରି ଯଦି ବାରମ୍ବାର ହେଉଛି ତ ଆପଣଙ୍କୁ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ରାତିରେ ଖାଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟା ପ୍ରଭାବିତ ହେବା ସହ ନିଦରେ ବି ବାଧା ଉପୁଜିଥାଏ । ଏଥିପାଇଁ ବିଳମ୍ବିତ ରାତିରେ ଖାଇବାକୁ ନିତିଦିନିଆ ଅଭ୍ୟାସ କରିବା ଅନୁଚିତ ।

ରାତି ସମୟରେ ଶରୀରର ମେଟାବଲିଜିମ୍ ଧୀର ହୋଇଯାଏ । ଦିନ ତୁଳନାରେ ରାତିରେ କ୍ୟାଲୋରି ବର୍ଣ୍ଣ କରିବା ବି ମୁସ୍କିଲ୍ ହୋଇପଡ଼େ । ଏଥିପାଇଁ ବିଳମ୍ବିତ ରାତିରେ ଖାଇଲେ ଆପଣଙ୍କ ଓଜନ ବୃଦ୍ଧି ପାଇବାର ସମ୍ଭାବନା ମଧ୍ୟ ରହିଛି ।

ଶାରୀରିକ ଅସୁସ୍ଥତା ସହ ମାନସିକ ଅସୁସ୍ଥତା ବି ଦେଖା ଦେବ ରାତିରେ ବିଳମ୍ବରେ ଖାଦ୍ୟ ଖାଇଲେ । ବିଳମ୍ବିତ ରାତିରେ ଖାଇଲେ ନିଦ ବି ବିଳମ୍ବିତ ରାତିରେ ହିଁ ହେବ । ଯାହାଫଳରେ ଏହା ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ । ନିୟମିତ ବିଳମ୍ବିତ ରାତିରେ ଖାଇବା ଦ୍ୱାରା ବିଶାଦଗ୍ରସ୍ତତା ପରି ସମସ୍ୟା ସୃଷ୍ଟି ହୋଇପାରେ ।

# ବେଲ ସରବତରୁ ମିଳିଥାଏ ଅନେକ ଲାଭ

**ଖରାଦିନେ ଅଧିକାଂଶ ବେଲ ସରବତ କିମ୍ବା ଏହାର ଜୁସ୍ ପିଇବାକୁ ପସନ୍ଦ କରିଥାଆନ୍ତି । ଜାଣନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହାର ଉପକାରୀ ଗୁଣ ବିଷୟରେ..**



ବେଲ ସରବତ କେବଳ ଶରୀରକୁ ଥଣ୍ଡା ରଖେ ତାହା ନୁହେଁ ବରଂ ଏହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶର ଅଭାବ ଦୂର ହୋଇଥାଏ ।

ଖରାଦିନେ କିଛି ଲୋକଙ୍କ ନାକରୁ ରକ୍ତ ବାହାରିବା ସମସ୍ୟା ଦେଖାଯାଏ । ସେମାନେ ନିୟମିତ ବେଲ ସରବତ ପିଅନ୍ତୁ ।

ପେଟ ଖରାପ ଥିଲେ ବେଲ ସରବତ ପିଇବା ଖୁବ ଉପକାରୀ ।

ବେଲ ସରବତ ପିଇବା ଦ୍ୱାରା ପାଚନ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

ବେଲ ସରବତ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ ।

ବେଲ ସରବତ ପିଇବା ଦ୍ୱାରା କୋଲେଷ୍ଟେରୋଲ୍ ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ ।

ବେଲ ସରବତ ପିଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ ।

ବେଲ ସରବତ ରକ୍ତ ପରିଷ୍କାର କରିବାରେ ସହାୟକ ହେବା ସହ ଏହା ହୃଦୟ ଜନିତ ରୋଗ ଓ କର୍କଟ ଭଳି ମାରାତ୍ମକ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ ।

# ଆଜ୍‌ମାର କାରଣ ହୋଇପାରେ ଲାଲ୍ ଲଙ୍କା

କିଛି ଲୋକଙ୍କୁ ରାଗ ଖାଇବା ଖୁବ୍ ପସନ୍ଦ । ଏହି ପସନ୍ଦ ପୂରଣ କରିବା ଆଶାରେ ସେମାନେ ଖାଦ୍ୟପଦାର୍ଥରେ ଆବଶ୍ୟକଠାରୁ ଅଧିକ ଲଙ୍କା ଗୁଣ୍ଡର ବ୍ୟବହାର କରିଥାନ୍ତି । ଏହାର ପରିଣତି ଖୁବ୍ ବିପଦଜନକ ହୋଇପାରେ । କିନ୍ତୁ ଜାଣନ୍ତି କି ଏହି ଲାଲ୍ ଲଙ୍କା ଶରୀର ପାଇଁ କେତେକ କ୍ଷତିକାରକ ତେଣୁ ସମୟ ପୂର୍ବରୁ ଲାଲ୍‌ଲଙ୍କା ଖାଇବାରେ ନିୟନ୍ତ୍ରଣ ଆଣିବା ଜରୁରି ।

ଖାଦ୍ୟ ସମସ୍ତଙ୍କର ପସନ୍ଦ । ଲୋକମାନେ ସ୍ୱାଦାନୁସାରେ ଖାଦ୍ୟ ପସନ୍ଦ କରିଥାନ୍ତି । ବିଶେଷକରି ସୌଖୀନ୍ ଲୋକମାନେ ନିଜ ପସନ୍ଦ ମୁତାବିକ୍ ଖାଦ୍ୟ ଚୟନ କରିଥାନ୍ତି । ସ୍ୱାଦିଷ୍ଟ ଖାଇବାରେ ଅଭ୍ୟସ୍ତ ଥିବା ଲୋକମାନେ ବେଳେ ବେଳେ ଆବଶ୍ୟକଠାରୁ ଅଧିକ ରାଗ ଖାଇଦେଇଥାନ୍ତି । ଖାଦ୍ୟକୁ ରାଗ କରିବା ପାଇଁ ସାଧାରଣତଃ ଆମେ ଲାଲ୍‌ଲଙ୍କାର ବ୍ୟବହାର କରିଥାଉ । କିନ୍ତୁ ଜାଣନ୍ତି କି ଏହା ଶରୀର ପାଇଁ କେତେ କ୍ଷତିକାରକ ଯଦି ଆପଣ ଅଧିକ ଲାଲ୍ ଲଙ୍କା ଖାଉଥାନ୍ତି, ତେବେ ଜାଣନ୍ତୁ ଏହାର ପରିଣାମ ।

**ଆଜ୍‌ମା :** ଆଜ୍‌ମା ରୋଗୀଙ୍କ ପାଇଁ ଲାଲ୍ ଲଙ୍କା ଖୁବ୍ ହାନିକାରକ । ଯଦି ଆପଣ ନିୟମିତ ଅଧିକ ଲାଲ୍‌ଲଙ୍କା ଖାଉଥାନ୍ତି, ତେବେ ଆଜ୍‌ମା ସମସ୍ୟା ବଢିଯାଇପାରେ । ଏପରିକି ଆଜ୍‌ମା ଆଟାକ୍‌ର ଆଶଙ୍କା ବହୁ ମାତ୍ରାରେ ବଢିପାରେ ।

**ଡାଇରିଆ :** ଆପଣ ଆବଶ୍ୟକଠାରୁ ଅଧିକ ଲାଲ୍ ?ଲଙ୍କା ଖାଉଥାନ୍ତି ତେବେ ପାଚନ ତନ୍ତ୍ରରେ ସମସ୍ୟା ଆସିପାରେ, ଯାହା ଫଳରେ ପୋଷକ ତତ୍ତ୍ୱର ଅଭାବ ହୋଇଥାଏ ।ବାରମ୍ବାର ଲାଲ୍ ଲଙ୍କା ଖାଇବା ଦ୍ୱାରା ବାନ୍ତି ହେବାର ଆଶଙ୍କା ବଢିଥାଏ ।

**ପେଟରେ ଅଲ୍‌ସର :** ମାତ୍ରାଧିକ ଲାଲ୍‌ଲଙ୍କା ଖାଇବା ଦ୍ୱାରା ଆଫ୍ଲାଟକ୍ସିନ୍ ତତ୍ତ୍ୱ ପେଟ ଓ ଲିଭର୍‌ରେ କର୍କଟର କାରଣ ସାଜିପାରେ । ତେଣୁ ଅଧିକ ମାତ୍ରାର ଲାଲ୍ ଲଙ୍କା ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଓ କବ୍ଜର ସମସ୍ୟା ଆସିପାରେ ।



**ଗର୍ଭାବସ୍ଥାରେ ହାନିକାରକ :** ଯଦି ଆପଣ ଗର୍ଭବତୀ । ତେବେ ଲାଲ୍ ଲଙ୍କାଠାରୁ ଯଥାସମ୍ଭବ ଦୂରେଇ ରହିବା ଜରୁରି । ଏହି ସମୟରେ ଅଧିକ ଲାଲ୍ ଲଙ୍କା ଖାଇବା ଦ୍ୱାରା ସମୟ ପୂର୍ବରୁ ସନ୍ତାନ ଜନ୍ମ ହେବାର ଆଶଙ୍କା ରହିଥାଏ । ଏହାବ୍ୟତୀତ ସନ୍ତାନଠାରେ ଶ୍ୱାସଜନିତ ସମସ୍ୟା ବଢିବାର ଆଶଙ୍କା ଉପୁଜିଥାଏ । ଏସବୁ ସମସ୍ୟାକୁ ଏଡାଇବା ପାଇଁ ଗର୍ଭାବସ୍ଥାରେ ଲାଲ୍ ଲଙ୍କାଠାରୁ ଦୂରେଇ ରହିବା ଭଲ ।

## ସାପ କାମୁଡାରେ ମହିଳା ମୃତ

**ବାଲେଶ୍ୱର(ମାନିସ):** ରୋଷେଇ ଘରେ ମହିଳାଙ୍କୁ ଏକ ବିଷାକ୍ତ ସାପ କମୁଡ଼ିବାରୁ ଗୁରୁତର ହୋଇଥିଲେ ।ତାଙ୍କୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଗୁରୁତର ମହିଳାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ହେଲେ ରେମୁଣା ଥାନା ଅନ୍ତର୍ଗତ ଡିହ ରେମୁଣା ଅଞ୍ଚଳର ଗୌରାଙ୍ଗ ସାହୁ ଙ୍କ ପତ୍ନୀ କାବେରୀ ସାହୁ (୫୪) ବୋଲି ଜଣାପଡିଛି । ଏ ବାବଦରେ ରେମୁଣା ଥାନାରେ ଏକ ମାମଲା ରୁଜୁ ହୋଇଛି । ଆସନ୍ତା କାଲି ରବିବାର ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାଲେଶ୍ୱର(ମାନିସ):** ଶନିବାର ଅପରାହ୍ନ ୪.୩୦ ମିନିଟ ସମୟରେ ବାଲେଶ୍ୱର ରେଳ ଷ୍ଟେସନ ନିକଟ ଆନନ୍ଦ ବଜାର ଠାରେ ରେଳ ଧାରଣା ପାରି ହେଉଥିବା ବେଳେ ଇଷ୍ଟ କୋଷ୍ଟ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି ।ମୃତ ଯୁବକ ହେଲେ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳର ଦୀପକ ପାଣିଗ୍ରାହୀ(୩୫) । ଦୀପକ କାନରେ ଏୟାର ଫୋନ ଲଗାଇ ରେଳ ଧାରଣା ପାରି ହେଉଥିବା ବେଳେ ଟ୍ରେନ ଆସିବାର ଜାଣି ପାରି ନଥିଲେ ।ଘଟଣା ସ୍ଥଳରେ ଜିଆରପି ପୋଲିସ ପହଞ୍ଚି ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

## ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

**ଜୟପୁର:** ଗଞ୍ଜେଇ ଚାଲାଣ ବେଳେ ଅବକାରି ବିଭାଗ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଉତର ପ୍ରଦେଶର ପଙ୍କଜ ଦୁବେ (୩୩) । ଗଞ୍ଜେଇ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଅବକାରି ନିରିକ୍ଷକ ଓ ଅବକାରି ଥାନାର ମିଳିତ ଚଢାଉ କରାଯାଇଥିଲା । ଚଢାଉ ଜୟପୁର ରେଳ ଷ୍ଟେସର ମାଲ ବାହୀ ଟ୍ରେନ ରହୁଥିବା ଆଡେ ଯୁବକ ଆସୁଥିବା ବେଳେ ଅବକାରି ବିଭାଗ ଚଢାଉ କରିଥିଲା । ଚଢାଉ କରି ୨୦.୮ କରି ଗଞ୍ଜେଇ ଜବତ କରିଛି । ଉକ୍ତ ଗଞ୍ଜେଇକୁ ଉତର ପ୍ରଦେଶ ଚାଲାଣ କରୁଥିବା ଅବାରି ବିଭାଗ ତଦନ୍ତ ରେ ଜାଣିବାକୁ ପାଇଛି । ଏହି ଚଢାଉ ରେ ଜୟପୁର ଅବକାରି ନିରିକ୍ଷକ ଶଶି କାନ୍ତ ଦତ ଓ ଜୟପୁର ଅବକାରି ଥାନା ଅଧିକାରି ସୁବ୍ରତ କେଶରି ହିରନ ଉପସ୍ଥିତ ଥିଲେ ।

## ମେସିନ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ

**ଜୟପୁର:** ମେସିନ ଚୋରି ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଛି ଜୟପୁର ସଦର ପୋଲିସ । ୨ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ବେଳେ ଅନ୍ୟ ଏକ ଅଭିଯୁକ୍ତ ହେଲା ମକାପୁଟ ଗ୍ରାମର ସୁଦର୍ଶନ ନାଗ (୧୯) । ସୂଚନା ଅନୁଯାଇ ଘରେ ରଖିଥିବା ବଡ ଓଜନ ମେଶିନ ଚୋରି ହୋଇଥିଲା । ଯାହାର ମୁଲ୍ୟ ୧୦ ହଜାର ଟଙ୍କା ହେବ । ବହୁତ ଖୋଜା ଖୋଜି କରିବା ପରେ କିଛି ଖୋଜ ଖବର ନମିଳିବାରୁ ବଡ କାଉଡି ଗ୍ରାମର ରଙ୍ଗା କାନ୍ତ ରଥ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ୧୫୯/୨୫ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

## ଗଡପଦର ଗ୍ରାମରେ ବିରିପାଣି ଯାତ୍ରା

**ଜୟପୁର:** କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଗ୍ରାମ ଠାରେ ଆଜି ଅପରାହ୍ନ ୧ଟା ସମୟରେ ବିରିପାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ପରି ଏଠାରେ କୃଷି ଓ ଭଲ ବର୍ଷା ହେବା ପାଇଁ ମା ବିରିପାଣିଙ୍କ ଆଦେଶରେ ପରିଚାଳିତ ମା ବିରିପାଣି ଯାତ୍ରା ପାଳନ କରାଯାଇଥାଏ । ଗ୍ରାମର ଦିସାରିଙ୍କ ଦିନ ଗଣନା ଅନୁଯାୟୀ ଜ୍ୟେଷ୍ଠ ମାସର କୌଣସି ଏକ ଶନିବାର ଏହି ଯାତ୍ରା କରିବାକୁ ସ୍ଥିର କରିଥାଏ । ଶନିବାର ସକାଳୁ ଆଖ ପାଖରୁ ପ୍ରାୟ ଶହେଟି ଗ୍ରାମରୁ ଲୋକେ ଛେଳି, କୁକୁଡା, ମେଣ୍ଢା, ପାରା, ନଡିଆ, ଲିଆ, ମୁଆଁ, ଫୁଲ, କଦଳୀ ଧରି ଗଡପଦର ଗ୍ରାମ ଠାରେ ରୁଣ୍ଡ ହୋଇଥିଲେ । ଦେବୀଙ୍କ ମୁଳ ପିଠ ବଣ୍ଡାମାଳି ପାହାଡର ପ୍ରାୟ ୧୨ଶହ ଫୁଟ ଉଚ୍ଚରେ ଥିବା ପାହାଡକୁ ହାତରେ ମା ଙ୍କ ପ୍ରତିକ ଲାଠି ବାଜା ଧରି ପାହାଡ ଉପରକୁ ଭକ୍ତ ମାନେ ଯାଇଥିଲେ । ଲାଠି ଧାରି ମାନେ ରାସ୍ତାରେ ଯିବା ସମୟରେ ପ୍ରତ୍ୟେକ ୧୦ ମିଟର ଦୂରରେ ନଡିଆ, କଦଳି, ବୁଦା ପକାଯାଇ ପୁଜା କରାଯାଇଥାଏ । ମା ସମ୍ପର୍କିୟ ମାନେ ରାସ୍ତାରେ ଛୋଟ ଛୋଟ ପିଲା ମାନଙ୍କୁ ଗଡାଇ ଥିବା ବେଳେ ମାଙ୍କ ପ୍ରତିକ ଲାଠି ଧାରି ମାନେ ଛୋଟ ଛୋଟ ପିଲାମାନଙ୍କୁ ଡେଇଁ ଡେଇଁ ଆର୍ଶୀବାଦ ଦେଇଥାନ୍ତି । ଫଳରେ ଛୋଟ ଛୋଟ ପିଲାମାନଙ୍କର ରୋଗ ହୋଇନଥାଏ ଓ ରୋଗରୁ ମୁକ୍ତି ମିଳିଥାଏ । ଏହି ଯାତ୍ରା ପାଇଁ ଗତକାଲି ଠାରୁ ଗ୍ରାମରେ ଲିପା ପୋଛା କରିବା ସହ ମାଙ୍କ ମନ୍ଦିରକୁ ସାଜସଜ୍ଜା କରାଯାଇଥିଲା । ପାହାଡ ମଝିରେ ଥିବା ଦେବୀଙ୍କ ପିଠରେ ତିନୋଟି ଗର୍ତ ରହିଛି ସେଠାରେ ବୁଦା ମରାଯିବା ସହ ପୁଜା ପାଠ କରାଯାଇଥିଲା । ଉକ୍ତ ତିନୋଟି ଗର୍ତରେ ଏକ ପାରା ଛଡାଯାଏ ପାରା ଛାଡିବା ମାତ୍ରେ ପାଣି ବାହାରେ । ପାଣି ବାହାରିବା ମାତ୍ରେ ଦିସାରି ଭଲ ଫସଲ ହେବା ନେଇ ସଙ୍କେତ ପାଇଥାଏ । ଉକ୍ତ ପାଣିକୁ ଆଣି ମା ବିରିପାଣିଙ୍କ ପିଠରେ ପୁଜାର୍ଚ୍ଚନା ପରେ ସେହି ପାଣିକୁ ନେଇଥାନ୍ତି ଶ୍ରଦ୍ଧାଳୁ । ବିଶ୍ୱାସ ରହିଛି ଏହି ପାଣି ସେବନ ଦ୍ୱାରା ରୋଗ ବୈରାଗ୍ୟ ଭଲ ହୋଇଥାଏ । ଗ୍ରାମର ମଙ୍ଗଳ ପାଇଁ ଏହି ଯାତ୍ରା ବର୍ଷକୁ ଥରେ ପାଳନ କରାଯାଇଥାଏ । ଏହି ଯାତ୍ରାରେ ବିପୁଳ ଭକ୍ତଙ୍କ ସମାଗନ ହୋଇଥିଲା । ପ୍ରବଳ ଭକ୍ତଙ୍କ ସମାଗମ ଦେଖି ବଜାର ମଧ ବସିଛି । ଯୁବତୀ ଓ ମହିଳା ମାନଙ୍କ ପଇଁ ଚୁଡି, ପାଉଜି, କାନ ଫୁଲ ବସିଥିବା ବେଳେ ଖାଇବା ପାଇଁ ମଧ ଲଡୁ, ବୁନ୍ଦି, କାକରା, ଆରିସା ଆଦି ବିକ୍ରି ହୋଇଥାଏ । ଛୋଟ ଛୋଟ ପିଲାମାନଙ୍କ ପାଇଁ ବେଲୁନ, ଖେଳନା ଦୋକାନ ବସିଥିବା ବେଳେ ଗଡପଦର ଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସଦର ପୋଲିସ ମୁତୟନ କରାଯାଇଥିବା ବେଳେ ଭକ୍ତ ସୁବିଧା ପାଇଁ ଫଚାୟତ ତରଫରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା ।

### ପ୍ରଭାରୀ ମନ୍ତ୍ରୀ ବିଭୁତି ଭୂଷଣଙ୍କ ଦିନିକିଆ ରାୟଗଡ ଗସ୍ତ

## ବିକାଶ ମେଳାର ଆୟୋଜନ ସମ୍ବନ୍ଧରେ ବୈଠକରେ ସମୀକ୍ଷା

**ରାୟଗଡ଼(ମାନିସ):** ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା, ମାନ୍ୟବର ବାଣିଜ୍ୟ ଓ ପରିବହନ, ଖଣୀ ଓ ଇସ୍ପାତ ମନ୍ତ୍ରୀ ଓଡିଶା ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ଆଜି ପହଂଚିଥିଲେ । ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ । ଏହା ସହିତ ଆସନ୍ତା ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ୧୨/୦୬/୨୦୨୫ରିଖ ରୁ ୧୮/୦୬/୨୦୨୫ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାର ଚୁଡାନ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସମୀକ୍ଷା କରିଥିଲେ । ମାନ୍ୟବର ମନ୍ତ୍ରୀ ନିଜର ଭାଷଣରେ କହିଲେ ଯେ ସେବା ସୁଶାସନ ଓ ଗରିବ କଲ୍ୟାଣର ଅମୃତ ବର୍ଷର ଉପଲବ୍ଧିକୁ ସୁବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ପାଖରେ ପହଂଚାଇବା ଏହି ମେଳରେ ମୂଳ ଉଦେଶ୍ୟ । ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ବିକାଶ ମେଳା କରାଯିବ ଏବଂ ରାଜ୍ୟର ପ୍ରମୁଖ ଜିଲ୍ଲା ମାନଙ୍କରେ କୃଷକ ମେଳା, ନାରୀଶକ୍ତି, ଯୁବଶକ୍ତି ଓ ଆଦିବାସୀ ଶକ୍ତି ସମାବେଶ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଦଳଗତ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ କରାଯିବ । ଏକ ବର୍ଷ ଭିତରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଦର୍ଶନୀ ମଣ୍ଡପ ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯିବ । ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଏହି ବିକାଶ ମେଳା ଆୟୋଜନ କରାଯିବ । ଏହା ସହିତ ପାରମ୍ପରିକ ଖାଦ୍ୟ ମେଳା, ମୋ ସପ୍ନରେ ଓଡିଶା- ୨୦୩୬ ଓ ମୋ ସପ୍ନରେ ଭାରତ -୨୦୪୭ ବିଷୟରେ ପ୍ରବନ୍ଧ ଓ ଚିତ୍ରକାଳା ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ କୃତୀ ପ୍ରତିଯୋଗି ମାନଙ୍କୁ ଏହି ମେଳକ୍ଷରେ ପୁରସ୍କୃତ କରାଯିବ । ସରକାରଙ୍କ ସଫଳ କାହାଣୀର ଦୈନିକ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ହାସଲ କରିଥିବା ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଦୈନିକ ସନ୍ଧ୍ୟା ସମୟରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ମାନ୍ୟବର ମନ୍ତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯିବ । କ୍ରୀଡା ମାଧ୍ୟମରେ ଯୁବ ଗୋଷ୍ଠୀକୁ ସାମିଲ କରାଯିବ । ଏହା ବ୍ୟତୀତ ବିଭିନ୍ନ ବ୍ଲକରେ ବିକାଶ ବାହାନା ମାଧ୍ୟମରେ ଏକ ବର୍ଷର ଉପଲବ୍ଧି ଲୋକଙ୍କୁ ଜଣାଇଦିଆଯିବ । ସ୍ଥାନେ ସ୍ଥାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଉତ୍ସବ ମୁଖର କରାଯିବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ଲୋକମାନଙ୍କୁ ବିଶେଷ କରି ମାନ୍ୟଗଣ୍ୟ, ବୁଦ୍ଧି ଯିବି, ଗଣମାଧ୍ୟମ, ଯୁବ ସମାଜ, ବିଭିନ୍ନ ସଂଘଠନର ଲୋକଙ୍କୁ ନେଇ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ କରିବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ । ଏହା ସହିତ ବିଭିନ୍ନ କ୍ଷତ୍ରରେ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରାଯିବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସାମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଶ୍ରୀ ଅଜୟ କୁମାର ପ୍ରଧାନ ଓ ଅନ୍ୟକ୍ଷନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।




## ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ବିଜେପିର କର୍ମଶାଳା

**ବ୍ରହ୍ମପୁର (ମାନିସ):** ସେବା ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ କେନ୍ଦ୍ରରେ ୧୧ ବର୍ଷର ଓ ରାଜ୍ୟରେ ପ୍ରଥମ ବର୍ଷ ପୂର୍ତି ଅବସରରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ବ୍ରହ୍ମପୁର ଗିରିରୋଡ ସ୍ଥିତ ପାଢ଼ୀ ସେଲିବ୍ରେସନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ । ଏହି କର୍ମଶାଳାରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଯତୀନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର,ଛତ୍ରପୁର ବିଧାୟକ କୃଷ୍ଣ ନାୟକ,ଚିକିଟି ବିଧାୟକ ମୋନରଞ୍ଜନ ଧ୍ୟାନସାମନ୍ତରାୟ,ଭା ଜ ପା ବରିଷ୍ଠ ସଦସ୍ୟ ସୁରେଶ ପାଢ଼ୀ,ସିଦ୍ଧାନ୍ତ ଗଙ୍ଗଦେବ,ପୂର୍ବତନ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା,ପ୍ରଶାନ୍ତ ନାୟକ,ଗୌରୀ ସାମନ୍ତରାୟ,ପ୍ରଭାତ ଷଡ଼ଙ୍ଗୀ, ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ରନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରେ କେନ୍ଦ୍ର ସରକାରଙ୍କ ୩.୦ ରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ନାକୁ ଲାଗୁ କରିବାରେ ସମସ୍ତ ଜନସାଧାରଣଙ୍କ କିପରି ଖୁସିର ଲହରୀ ଖେଳିଥିଲା ସେ ବିଷୟ ରେ ଯତୀନ ମହାନ୍ତି କହିଥିଲେ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ରେ ସୁଭଦ୍ରା ଯୋଜନାଠୁ ଆରମ୍ଭ କରି, ଲକ୍ଷପତି ଦିଦି, ଶ୍ରୀ ମନ୍ଦିରର ମନ୍ଦି ୪ ଦୁଆର ର ଖୋଲା, ରତ୍ନ ଭଣ୍ଡାରର ଚାବି ଖୋଲିବା

କେନ୍ଦ୍ରର ୧୧ବର୍ଷ ଓ ରାଜ୍ୟର ୧ ବର୍ଷ ସଫଳତା ଠୁ ଆରମ୍ଭ କରି ଚାଷୀଙ୍କ ଧାନର ଏମ ଏସ ପି ବଢ଼ାଇବା ପର୍ଯ୍ୟନ୍ତ ବହୁ ଯୋଜନାର ଲାଭ ବାନ ଓଡିଶା ବାସୀ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟ ଅତିଥି ମହାନ୍ତି କହିଥିଲେ । ଏହି କର୍ମଶାଳାରେ ବିଶ୍ୱ ପର୍ଯ୍ୟାବରଣ ରଣ ଦିବସ, ଯୋଗ ଦିବସ, ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ବଳିଦାନ ଦିବସ କିପରି ପାଳନ କରାଯିବ ସେ ବାବଦରେ ଲୋଚନା କରାଯାଇଥିଲା । ବ୍ରହ୍ମପୁର ବିଧାୟକ ନିଜ ବକ୍ତ୍ୟବ୍ୟ ମାଧ୍ୟମରେ ଅବଗତ କରିଥିଲେ ଯେ ୯ /୦୬/ ୨୦୨୫ ଠାରୁ ୨୧/୦୬/ ୨୦୨୫ ସହର ର ୩୬ ଟି ଓ୍ୱାର୍ଡ ରେ ମା ଙ୍କ ନାମରେ ଗଛ ଟିଏ କାର୍ଯ୍ୟକ୍ରମ ରେ ବୃକ୍ଷ ରୋପଣ କରାଯିବା ସହିତସରକାର ଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନସାଧାରଣ ଙ୍କୁପ୍ରତେକ ଶକ୍ତି କେନ୍ଦ୍ର ରେ ଜଣାଇଦିଆଯିବ ।

ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ପ୍ରବକ୍ତା ଟି ଗୋପୀ,ବିଧାୟକ ଙ୍କ ପ୍ରତିନିଧି ପ୍ରଦୀପ ନାୟକ, ବନମାଳୀ ସେଠି, ଅଶୋକ ଶୁକ୍ଳ, ପୀତବାସ ପଣ୍ଡା, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ପରେଶ ରଥ, ବାଳକୃଷ୍ଣ ସାମନ୍ତରାୟ, ପ୍ରଣୟ ମହାପାତ୍ର, ପ୍ରଦୀପ ମିଶ୍ର, ତୁତୁନୁ ପାତ୍ର, ବିଧାୟକ ଙ୍କ ପ୍ରତିନିଧି ଶିବଶଙ୍କର ନାୟକ, ସଞ୍ଜୟ ଜେନା, ସୁନୀଲ କୁମାର ପଣ୍ଡା, ପତିତ ଗନ୍ତାୟତ, ତ୍ରିନାଥ ନାୟକ, କର୍ପୋରେଟର ବନିତା ସାହୁ, ବବିତା ପାତ୍ର,ମଣ୍ଡଳ ସଭାନେତ୍ରୀ ବର୍ଷା ବିଦୁସ୍ମିତା, ରତ୍ନ ପ୍ରଭା ସରସ୍ୱତୀ,ମନିତା ଦାଶ, ରାଜୀବ ମିଶ୍ର, ଶଙ୍କର ରାଓ,ପ୍ରଦୀପ କୁମାର ସାହୁ, ରଂଜିତ ପଟ୍ଟନାୟକ, ବାଙ୍କନିଧି ସେଠି, ଶିବା ଯାଦବ ଭିକି ଆଚାରି,ପ୍ରତାପ ସେଠି, ବରୁଣ ନାଇଡୁ, ଅରୁଣ ନାଇଡୁ, ସମେତ ସମସ୍ତ ମଣ୍ଡଳ ଓ ଜିଲ୍ଲା ସ୍ତରୀୟ ନେତ୍ର ବୃନ୍ଦ ଉପସ୍ଥିତ ଥିଲେ । କର୍ମଶାଳାର ମହିଳା ମୋର୍ଚ୍ଚା,ଯୁବ ମୋର୍ଚ୍ଚା, ଏସ.ସି ମୋର୍ଚ୍ଚା, କାର୍ଯ୍ୟକର୍ତାଙ୍କ ଦ୍ୱାରା ସମସ୍ତ ନେତୃବୃନ୍ଦ ତଥା କାର୍ଯ୍ୟକର୍ତ୍ତା ଙ୍କୁ ସାଗତ କରାଯାଇଥିଲା ।



## ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ ଦାବି

**ସମ୍ବଲପୁର:** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମ ଫଂଚାୟତରେ ଗୋଧନ ଓ ପ୍ରାଣୀଧନର ଉନ୍ନତି ଏବଂ ପଶୁ ଚିକିତ୍ସା ସୁବିଧା ଦେବା ଉଦ୍ଦେଶ୍ୟରେ ପ୍ରାଣୀଧନ ନିରୀକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲି ରହିଛି । ଏହାର ପ୍ରଭାବରେ ଏଠାରେ ଥିବା ଅନେକ ଗୋପାଳକ, ଛେଳି ଚାଷୀ ଓ କୁକୁଡ଼ା ଚାଷୀ ମାନେ ପଶୁପକ୍ଷୀଙ୍କ ଚିକିତ୍ସା ଏବଂ କୃତ୍ରିମ ପ୍ରଜନନ ସୁବିଧାରୁ ବଂଚିତ ହେଉଛନ୍ତି । ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁଯାୟୀ, ପ୍ରତିଷେଧକ ଟିକାକରଣ, କୃତ୍ରିମ ପ୍ରଜନନ ଓ ଅନ୍ୟାନ୍ୟ ପଶୁ ଚିକିତ୍ସା ସେବା ନ ମିଳିବାରୁ ପଶୁପାଳନ କ୍ଷେତ୍ରରେ ଅନେକ ଅସୁବିଧା ସୃଷ୍ଟି ହେଉଛି । ଏହି ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଲୋକେ ଉପଖଣ୍ଡ ସ୍ତରରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅନେକଥର ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ପରିସ୍ଥିତିରେ, ସ୍ଥାନୀୟ ଜନସାଧାରଣ ଏବେ ଜିଲ୍ଲା ପ୍ରାଣୀ ଚିକିତ୍ସା ଓ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ ନିକଟରେ ଲିଖିତ ଭାବେ ଦାବି ଉଠାଇଛନ୍ତି ଯେ, ଶୀଘ୍ର ଏହି ପଦବୀ ପୂରଣ କରାଯାଉ ଯାହାଫଳରେ ପଶୁପାଳକ ମାନେ ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧାରୁ ଲାଭାନ୍ୱିତ ହେବେ । ସ୍ଥାନୀୟ ଲୋକଙ୍କ ଦାବି ଏହି ପଦବୀ ଶୀଘ୍ର ପୂରଣ କରାଯାଇ ପାରିଲେ ପଶୁପାଳକ ମାନେ ବିଶେଷ ଉପକୃତ ହୋଇପାରନ୍ତେ ।

## ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅଭିଯୋଗ



### ସମସ୍ୟାର ସମାଧାନ ପାଇଁ ପ୍ରଗତି ମଞ୍ଚର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଲ୍ୟୟର ବିଭିନ୍ନ ସମସ୍ୟା କୁ ତୁରନ୍ତ ସମାଧାନ ଓ ଉନ୍ନତି କରଣ ପାଇଁ ପ୍ରଗତି ମଞ୍ଚ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥି ସହ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ମଞ୍ଚର ସଦସ୍ୟ, ସଦସ୍ୟା ଆଲୋଚନା କରିଥିଲେ । ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ସୂଚନା ଥାଉ କି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ଓ୍ୱାର୍ଡ ମେଡିକାଲ କଲେଜ କୁ ସ୍ଥାନାନ୍ତର ହୋଇଥିବା ବେଳେ ଡାକ୍ତର, ନର୍ସ, ଆଟାଣ୍ଡେଣ୍ଟ ଅଭାବ ପାଇଁ ରୋଗୀ ସେବାରେ ଘୋର ସମସ୍ୟା ଦେଖାଯାଇଛି । ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ଘଣ୍ଟପଡ଼ା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହାର ପାଇଁ ଅନୁରୋଧ

**ତାଳଚେର(ମାନିସ):** ତାଳଚେର ବ୍ଲକ ଅନ୍ତର୍ଗତ ଘଣ୍ଟପଡ଼ା ଫଂଚାୟତର ସରଫଂଚଙ୍କ ବିରୁଦ୍ଧରେ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବକୁ ପ୍ରତ୍ୟାହାର ନିମନ୍ତେ ସଭ୍ୟ,ସଭ୍ୟାଙ୍କ ତରଫରୁ ପତ୍ର ଜରିଆରେ ତାଳଚେର ଉପଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି । ସୂଚନା ଅନୁସାରେ ଘଣ୍ଟପଡ଼ା ଗ୍ରାମ ଫଂଚାୟତର କେତେକ ଓ୍ୱାର୍ଡ଼ର ସଭ୍ୟ,ସଭ୍ୟା ଓ ନାଏବ ସରଫଂଚଙ୍କ ଭୁଲ ବୁଝାମଣା ଯୋଗୁଁ ଗତ ୧ ତାରିଖରେ ଡେରା ନର୍ସରୀ ଠାରେ ହୋଇଥିବା ବୈଠକରେ ସରଫଂଚ ଶସ୍ମିତା ବିଶ୍ୱାଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବା ନେଇ ମତ ପ୍ରକାଶ ପାଇଥିଲା । ଏହାପରେ ଜୁନ୍ ୨ତାରିଖରେ ଉକ୍ତ ସଭ୍ୟ,ସଭ୍ୟାମାନେ ତାଳଚେର ଉପଜିଲ୍ଲାପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ଦାବୀପତ୍ର ପ୍ରଦାନ କରିଥିଲେ । ତେବେ କିଛି ଅସାଧୁ ବ୍ୟକ୍ତିଙ୍କ ପ୍ରରୋଚନାରେ ଏଭଳି ନିଷ୍ପତି ନିଆଯାଇଥିବାର ପରେ ହୃଦବୋଧ ହୋଇଥିଲା । ଘଣ୍ଟପଡ଼ା ଗ୍ରାମ ଫଂଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯେପରିକି ଏମଜିଏନଆରଜିଇଏସ କାର୍ଯ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଜନହିତରେ ସଠିକ୍ ଭାବେ ସରଫଂଚ ଶସ୍ମିତା ବିଶ୍ୱାଳ ପରିଚାଳନା କରି ଆସୁଛନ୍ତି । ତେଣୁ ଗ୍ରାମ ଫଂଚାୟତର ଲୋକମାନଙ୍କର ହିତ ସାଧନ ପାଇଁ ଏବଂ ଫଂଚାୟତର ବିକାଶ ପାଇଁ ସରଫଂଚ ଶସ୍ମିତା ବିଶ୍ୱାଳଙ୍କ ବିରୁଦ୍ଧରେ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବ ଦାବୀପତ୍ରକୁ ପ୍ରତ୍ୟାହାର ନିମନ୍ତେ ଫଂଚାୟତର ସଭ୍ୟ,ସଭ୍ୟାମାନେ ଲିଖିତ ଭାବେ ତାଳଚେର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନାଏବ ସରଫଂଚ ରାଜୀବ ଦାସ,ଅମ୍ରିତା ସିଂ,ସସ୍ମିତା ଭୁକ୍ତା,ଜ୍ୟୋସ୍ନାମୟୀ ଗୋଛାୟତ,ପ୍ରେମଲତା ପ୍ରଧାନ,ଚ ମନ୍ଦାକିନୀ ନାଏକ,ରୁନି ସାହୁ,ସୁବାସିନୀ ପାତ୍ର ପ୍ରମୁଖ ଅନୁରୋଧ କରିଛନ୍ତି । ଅପରପକ୍ଷେ ବିଜେଡିର କିଛି କୁଚକ୍ରୀ ଗୋଷ୍ଠୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ସରଫଂଚଙ୍କ ବିରୁଦ୍ଧରେ ଏଭଳି ଅନାସ୍ଥା ପ୍ରସ୍ତାବ ଅଣାଯିବା ନେଇ ହୀନ ଉଦ୍ୟମ ହୋଇଥିବାର ସାଧାରଣରେ ଆଲୋଚନା ହେଉଛି ।



## ଯାଜପୁର ଟାଉନରେ ଖୋଲିଲା ଶ୍ରୀଲେଦର୍ସର ନୂତନ ଶୋ'ରୁମ

**ଯାଜପୁର:** ଦୀର୍ଘ ୭୦ ବର୍ଷର ପୁରାତନ ଫୁଟଓ୍ୱେୟାର ତଥା ଜୋତା ଶିଳ୍ପ ବ୍ୟବସାୟରେ ଏକ ନିର୍ଭରଯୋଗ୍ୟ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସ, ଯାଜପୁର ଟାଉନର କୁସୁମା ରୋଡ଼ଠାରେ ଖୋଲିଛି ନୂତନ ଶୋ'ରୁମ । ଏଠାରେ ଓଡ଼ିଶାର ଗ୍ରାହକଙ୍କ ପାଇଁ ରହିଛି ଉତ୍ତମ ମାନର, ଆରାମଦାୟକ ତଥା ଷ୍ଟାଇଲିସ୍ ସାମଗ୍ରୀ । ଏହି ନୂତନ ଶୋ'ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, ସ୍ପୋର୍ଟ ଜୋତା, ଆକ୍ଟିଭ୍ ଓ୍ୱେର୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ।

ଦେଶବାସୀଙ୍କୁ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ଜୋତା ଯୋଗାଇଦେବା ପାଇଁ ୧୯୫୨ ମସିହାରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ, 'ଶ୍ରୀଲେଦର୍ସ' ବ୍ୟବସାୟ ଆରମ୍ଭ କରିଥିଲେ । ୭୦ ବର୍ଷ ପୁରାତନ ଏହି ବ୍ରାଣ୍ଡ ଯୋତା ବଜାରରେ ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ନିଜର ପ୍ରତିଷ୍ଠା ବଜାୟ ରଖିଛି । ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ଅଂଶୀଦାର ଶ୍ରୀ ଶେଖର ଦେ କହିଛନ୍ତି ଯେ, 'ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜ୍‌ରେ ବଣ୍ଟନ କରୁ ।'

ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରାଣ୍ଡର ଭବିଷ୍ୟତ ବିଷୟରେ ଅଭିବ୍ୟକ୍ତି ପ୍ରକାଶ କରି ପରିବାରର ଚତୁର୍ଥ ପିଢି ତଥା ଅଂଶୀଦାର ଶ୍ରୀ ସଯଂ ଦେ କହିଛନ୍ତି ଯେ, 'ବର୍ତ୍ତମାନ ଆମେ କ୍ରୀଡ଼ା ଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ । ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ ।'

### ବ୍ରହ୍ମପୁରରେ ଦୁଇ ନାବାଳିକା ଗଣଦୁଷ୍କର୍ମ ମାମଲା

## ଏସ୍‌ପିଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଭୁବନେଶ୍ୱର/ ବ୍ରହ୍ମପୁର (ମାନିସ):** ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ପୋଲିସ ଥାନା ଅନ୍ତର୍ଗତ ଗତ ୩ ତାରିଖରେ ଘଟିଥିବା ଦୁଇ ନାବାଳିକା ଗଣଦୁଷ୍କର୍ମ ମାମଲାରେ ଆଜି ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିବା ସହିତ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବୀ କରିଛି । ବ୍ରହ୍ମପୁର ଓ ସମଗ୍ର ରାଜ୍ୟରେ ଗଣ ଦୁଷ୍କର୍ମ, ହତ୍ୟା, ରାହାଜାନି ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଉଛି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି ବୋଲି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟମାନେ କହିଛନ୍ତି ।

ଗତ ୩ ତାରିଖ ରାତିରେ, ଦୁଇ ଜଣ ନାବାଳିକା ଗୋଟିଏ ବିବାହ ଭୋଜିରୁ ଫେରିବା ସମୟରେ, ଜଣେ ଦୁର୍ବୃତ୍ତ, ଯିଏ କି ପୀଡ଼ିତାଙ୍କ ପୂର୍ବରୁ ପରିଚିତ ଥିଲେ, ତାଙ୍କ ସହ ଆସିବାକୁ କହିଥିଲେ । ସେ ଓ ତାଙ୍କ ସହ ଆଉ ତିନି ଜଣ ଯୁବକ ଦୁଇ ନାବାଳିକାଙ୍କୁ ଏକ ନିକାଞ୍ଚନ ଜାଗାକୁ ନେଇଯାଇ ରାତି ସାରା ଦୁଷ୍କର୍ମ କରିଥିଲେ । ସକାଳେ ଦୁଇ ନାବାଳିକା ସେମାନଙ୍କ ଘରେ ପହଁଞ୍ଚିବା ପରେ, ତାଙ୍କ ପରିବାର ଲୋକ ଏହି ଘଟଣା ସମ୍ପର୍କରେ ଜାଣିଥିଲେ ଓ ତାପରେ, ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ । ପୋଲିସ, ମାମଲା ରୁଜୁ କରିଥିଲେ ହେଁ ଦୁର୍ବୃର୍ତ୍ତ ମାନଙ୍କ ଟେର ପାଇ ନଥିଲା ।

ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱ ଉପଲବ୍ଧ କରି, ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରା ଯାଇଥିଲା । ଆଜି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟମାନେ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିଥିଲେ । ବିଜେଡି ତରଫରୁ ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା, ଯେଉଁଥିରେ, ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ସୁଧାରିବା ପାଇଁ ଦାବୀ ରଖାଯାଇଥିଲା । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଏହି ସମ୍ବେଦନଶୀଳ ଘଟଣାରେ ପୋଲିସ ନିଷ୍କ୍ରିୟତା ଦେଖିବାକୁ ମିଳିଛି । ଆଜି ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଗସ୍ତ କରି ଘଟଣା ଉପରେ ଉଦବେଗ ପ୍ରକାଶ କରିବା ପରେ ଦୁର୍ବୁର୍ତ୍ତଙ୍କୁ ଗିରଫ କରାଯାଇଛି ବୋଲି ଏସପି ସୂଚନା ଦେଇଛନ୍ତି । ସମଗ୍ର ଜିଲ୍ଲାରେ ଉଦବେଗଜନକ ଭାବେ ହତ୍ୟା, ରାହାଜାନି ଓ ଦୁଷ୍କର୍ମ ଇତ୍ୟାଦି ବୃଦ୍ଧି ପାଇଛି । ରାଜ୍ୟରେ ନାବାଳିକା, ଆଦିବାସୀ, ଦଳିତ ମହିଳାଙ୍କ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି । ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ କହିଥିଲେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ତାଛଡା, ମହିଳା ମାନଙ୍କ ସୁବିଧା ପାଇଁ ରାଜ୍ୟର ପ୍ରତି ପୋଲିସ ଥାନାରେ, ପୂର୍ବ ସରକାରଙ୍କ ଦ୍ୱାରା ଯେଉଁ ମହିଳା ଡେସ୍କ ସ୍ଥାପନ କରା ଯାଇଥିଲା, ତାହାକୁ ବିଜେପି ସରକାର ଉଚ୍ଛେଦ କରି ଦେଇଛନ୍ତି । ସେହିପରି ପୂର୍ବତନ ବିଧାୟକ ସୁଶ୍ରୀ ଲତିକା ପ୍ରଧାନ କହିଥିଲେ, ଦୁର୍ବୃତ୍ତ ମାନେ ଜାନି ଯାତ୍ରା ସମୟରେ ନାବାଳିକା ମାନଙ୍କୁ ଟାର୍ଗେଟ କରୁଥିବାରୁ ପୋଲିସ ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକ ରହିଛି ।

### ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବୀ

ବିଜେଡି ପ୍ରତିନିଧି ମଣ୍ଡଳୀରେ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ବିଜେଡି ଆସ୍କା ଲୋକସଭା ପ୍ରାର୍ଥୀ ଶ୍ରୀମତୀ ରଞ୍ଜିତା ସାହୁ, ପୂର୍ବତନ ବିଧାୟକ ଶ୍ରୀମତୀ ଲତିକା ପ୍ରଧାନ, ପୂର୍ବତନ ବିଧାୟକ ଶ୍ରୀ ବିକ୍ରମ ପଣ୍ଡା, ପୂର୍ବତନ ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ, ପୂବତନ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀ ସୁବାଷ ବେହେରା, ଶ୍ରୀ ଶ୍ରୀକାନ୍ତ ସାହୁ, ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷ ଶ୍ରୀମତୀ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଶ୍ରୀ ଅଜିତ ଦାସ, ଶ୍ରୀ ଦୀପକ ସାମନ୍ତ, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀ ସୁବାଷ ମହାରଣା, ଦଳର ରାଜ୍ୟ ମୁଖପାତ୍ର ଶ୍ରୀ ତୁମ୍ବନାଥ ପଣ୍ଡା ଓ ଶ୍ରୀ ନାରାୟଣ ଜେନା, ଦଳର ଅନ୍ୟ କର୍ପୋରେଟର ମାନେ ଉପସ୍ଥିତ ଥିଲେ ।

## ପଟିଦିଅଁ ଅଙ୍କନ ଉତ୍ସବ ଦ୍ୱିତୀୟ ଦିବସରେ ପଟିରେ ଲାଗିଲା ରଙ୍ଗ

### ସନ୍ଧ୍ୟାରେ ଦାସକାଠିଆ ଓ ଓଡ଼ିଶୀ ନୃତ୍ୟ ଦର୍ଶନଙ୍କୁ ଆକର୍ଷିତ କଲା




**ବାଲେଶ୍ୱର(ମାନିସ):** ଶନିବାର ୧୧ତମ ପଟିଦିଅଁ ଅଙ୍କନ ଉତ୍ସବ ର ଦ୍ୱିତୀୟ ଦିବସରେ ଚିତ୍ରକର ମାନେ ପଟିରେ ଅନନ୍ତ ବାସୁଦେବ, ଅନନ୍ତ ନାରାୟଣ ଓ ଭୁବନେଶ୍ୱରୀ ଙ୍କ ରେଖାଚିତ୍ର ଆଙ୍କିବା ପରେ ରଙ୍ଗ ଲଗା ଯାଇଅଛି ।

ସନ୍ଧ୍ୟାରେ ସଭାକାର୍ଯ୍ୟକୁ ଶିଳ୍ପୀ କେଶୁଦାସ ପରିଚାଳନା କରିଥିବାବେଳେ ଅରୁଣ ବାରିକ ମଞ୍ଚ ଆହ୍ୱାନ କରିଥିଲେ ।ସମ୍ମାନିତ ଅତିଥି ଭାବରେ ନୋସିର ଉପସଭାପତି ସୁବ୍ରତ ନାୟକ, ଓଡିଶୀ ନୃତ୍ୟଗୁରୁ ଭାଗବତ ପାଣି, ସମାଜସେବୀ ବିଜୟ କୁମାର୍ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ଅଙ୍କିତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ବସ୍ତା ପଣ୍ଡରୁଙ୍ଗୀର ଦାସକାଠିଆ ଗାୟକ ଦମ୍ପତି ପୂର୍ଣ୍ଣ ଚନ୍ଦ୍ର ବେହେରା ଓ ଭବାନୀ ରାଣୀ ବେହେରା ଜଗନ୍ନାଥ ଙ୍କ ମାହାତ୍ମ୍ୟ ଦାସକାଠିଆ ମାଧ୍ୟମରେ ପରିବେଷଣ କରି ସମସ୍ତଙ୍କୁ ଆକର୍ଷିତ କରିଥିବା ବେଳେ ଦେବସ୍ମିତା ସେନ, ସାଇ ନିର୍ଝର ପାଣି, ରୀଶିତା ରାୟ ଦଳାଇ, ବୀଦିଶା ପଣ୍ଡା, ଲୋପାମୁଦ୍ରା ପାତ୍ର ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ନନ୍ଦିନୀ ବିଶ୍ୱାଳ, ଅଂଶିକା ମହାପାତ୍ର, ଅମ୍ରିତା ବେହେରା ପ୍ରମୁଖ ଲଘୁ ନୃତ୍ୟ ପରିବେଷଣ କରିଥିବା ବେଳେ ନନ୍ଦିନୀ ନାୟକ ଓ ନବୀନ ମଣ୍ଡଳ ଓ ପପୁନ ପ୍ରଧାନ ଜଗନ୍ନାଥ ଜଣାଣ ପରିବେଷଣ କରି ଦର୍ଶନଙ୍କୁ ମନ ମୋହିଥିଲେ ।

ମାତୃଭାଷା



# ଭୁବନେଶ୍ୱର ଏଫ୍.ସି.କୁ ହରାଇ ବରଗଡ଼ ଏଫସି ଚମ୍ପିୟାନ୍




ଭୁବନେଶ୍ୱର/ ରାଉରକେଲା, ୮।୬ : ସିଏମ୍ ଟ୍ରଫି - ଲକ୍ଷ୍ୟ ଏକ, ପ୍ରତିଭା ଅନେକ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ -୨୦୨୫ । ବିଗତ ୧୬ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ବହୁ ପ୍ରତିକ୍ଷୀତ ଫାଇନାଲ୍ ମ୍ୟାଚ୍ ଆଜି ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଫାଇନାଲ୍ ମ୍ୟାଚ୍ ବରଗଡ଼ ଏଫସି ଏବଂ ଭୁବନେଶ୍ୱର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଏଫସି ଭୁବନେଶ୍ୱର ଏଫସିକୁ ୩-୨ ଗୋଲ୍ ବ୍ୟବଧାନରେ ପରାସ୍ତ କରି ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ - ୨୦୨୫ର ବିଜେତା ହୋଇଛି । ଆଜି ଅନୁଷ୍ଠିତ ହୋଇଥିବା ଫାଇନାଲ୍ ମ୍ୟାଚ୍‌ରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଇଥିଲା । ତୃଣମୂଳ ସ୍ତରରୁ ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେହି ଲକ୍ଷ୍ୟରେ ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଆୟୋଜିତ ହୋଇଥିଲା । ଆଜି ଏହି ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି । ବିଜୟୀ ଦଳ ବରଗଡ଼ ଏଫସି ଏବଂ ଏହି ଚାମ୍ପିୟାନସିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି । ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ନିଶ୍ଚିତ ରୂପେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିପାରିଛି । ଏହି ଚାମ୍ପିୟାନସିପ୍‌ରୁ ଶ୍ରେଷ୍ଠ ୧୦୦ଜଣ କ୍ରୀଡ଼ାବିତମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିସହିତ ଆଗାମୀ ଦିନରେ ବିଭିନ୍ନ କ୍ରୀଡ଼ା ଯଥା ଆଥଲେଟିକ୍ସ, ବ୍ୟାଡ଼ମିଣ୍ଟନ, ଖୋଖୋ, କବାଡ଼ି, ହକି ଓ ଅନ୍ୟାନ୍ୟ କ୍ରୀଡ଼ାକୁ ମଧ୍ୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍‌ରେ ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ । ଆଜିର ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ପ୍ରେସିଡେଣ୍ଟ ତଥା ଝାରସୁଗୁଡ଼ା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ । ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ଓଡ଼ିଶାର ସମସ୍ତ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିଛି ଏବଂ ରାଜ୍ୟରେ କ୍ରୀଡ଼ାର ବିକାଶର ଏହି ଜୟଯାତ୍ରା ଆଗକୁ ମଧ୍ୟ ଏହିପରି ଭାବେ ଜାରି ରହିବ ବୋଲି ସେ କହିଛନ୍ତି । ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଫୁଟବଲ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନ୍‌ସିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ । ଏହାପରେ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍-ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ସେମି ଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲ୍‌ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିବାରୁ ବାସ୍ତବରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିଛି । ଏଥିସହିତ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍‌କୁ ମଧ୍ୟ ନିକଟ ଅତୀତରେ ଉନ୍ମୋଚିତ କରାଯାଇଥିଲା । କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

# ଆଇପିଏଲ୍ ୨୦୨୬ରୁ ବ୍ୟାନ୍ ହେବ ଆର୍‌ସିବି

ନୂଆଦିଲ୍ଲୀ, ୮।୬: ଆଇପିଏଲ୍ ୨୦୨୫ ଟାଇଟଲ ଜିତିବା ପରେ, ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ବିଜୟ ପରେଡ ଏବଂ ମହାଉତ୍ସବ ପାଇଁ ପ୍ରସ୍ତୁତି କରାଯାଇଥିଲା । ଏହି ସମୟରେ ଷ୍ଟାଡିୟମ ବାହାରେ ଦଳାଚକଟା ହୋଇଥିଲା । ଯେଉଁଥିରେ ୧୧ ଜଣଙ୍କ ଜୀବନ ଚାଲିଯାଇଛି । ଘଟଣାକୁ ନେଇ ଆର୍‌ସିବି ବିରୁଦ୍ଧରେ ଏକ ଋଜୁ ରୁଜୁ ହୋଇଛି । କର୍ନାଟକ କ୍ରିକେଟ ଆସୋସିଏଶନର ଦୁଇ ଅଧିକାରୀ ମଧ୍ୟ ଇସ୍ତଫା ଦେଇଛନ୍ତି । ଏହି ମାମଲାରେ ଜଣେ ଗିରଫ ମଧ୍ୟ ହୋଇଛନ୍ତି । ଆର୍‌ସିବି ଦଳ ଏସବୁ ମଧ୍ୟରେ ଫସି ରହିଛି । ଏହି ମାମଲା ପରେ ବିସିସିଆଇ ଆର୍‌ସିବି-୨୦୨୬ ପାଇଁ ଜଉଇକୁ ବ୍ୟାନ୍ କରିବା ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇପାରେ । ଆର୍‌ସିବିର ବିଜୟ ପରେଡରେ ଏତେ ବଡ଼ ଭୁଲ ପାଇଁ କିଏ ଦାୟୀ ତାହା ଜାଣିବା ପାଇଁ ତଦନ୍ତ କରାଯାଉଛି । ଏପରି ପରିସ୍ଥିତିରେ, ବିସିସିଆଇ ସମ୍ମୁଖରେ ବଡ଼ ପ୍ରଶ୍ନ ହେଉଛି କରନ୍ତି । କିନ୍ତୁ ସେମାନଙ୍କର ଅଂଶଗ୍ରହଣ ବିସିସିଆଇ ଚୁକ୍ତିନାମା ଦ୍ୱାରା ପରିଚାଳିତ ହୁଏ ।




ଯେ ଯଦି ଏଥିରେ ଆର୍‌ସିବି ଦଳର ନାମ ଆସେ, ତେବେ ପରବର୍ତ୍ତୀ ନିଷ୍ପତ୍ତି କ'ଣ ନେବ । କାରଣ ଆର୍‌ସିବିରେ ସମସ୍ତ ଫ୍ରାଞ୍ଚାଇଜ ବାଣିଜ୍ୟିକ ସଂସ୍ଥା ଭାବରେ କାର୍ଯ୍ୟ ସେହି ଚୁକ୍ତିନାମାଗୁଡ଼ିକରେ ସାଧାରଣଲୋକ ସୁରକ୍ଷା ସହିତ ଜଡିତ ଅନେକ ବିଭାଗ ଅନ୍ତର୍ଭୁକ୍ତ । ଯଦି ତଦନ୍ତକାରୀମାନେ ସିଧାସଳଖ ଜଉଇ ପରିଚାଳନାକୁ ଏହି ଗୁରୁତର ଅବହେଳା ସହିତ ଯୋଡି ଦିଅନ୍ତି, ତେବେ ନ୍ୟାୟ ପ୍ରଦାନ କରିବା ଏବଂ ଲିଗର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ବିସିସିଆଇକୁ ଆର୍‌ସିବି ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିପାରେ । ମଙ୍ଗଳବାର ଆର୍‌ସିବି ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲା । ଏହା ପରେ ସମଗ୍ର ଟିମ୍ ଏବଂ ବାଙ୍ଗାଲୋର ପ୍ରଶଂସକମାନେ ବହୁତ ଖୁସି ହୋଇଥିଲେ । ପରଦିନ ବୁଧବାର ବାଙ୍ଗାଲୋରରେ ପହଞ୍ଚିଥିଲା, ଯେଉଁଠାରେ ଏହା ତାର ପ୍ରଶଂସକମାନଙ୍କ ସହିତ ବିଜୟ ପାଳନ କରିବାକୁ ଯାଉଥିଲା । କିନ୍ତୁ ଏହି ଉତ୍ସବମୁଖର ପରିବେଶ କିଛି ସମୟ ମଧ୍ୟରେ ଶୋକରେ ପରିଣତ ହୋଇଗଲା । ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଯୋଗୁଁ ହଠାତ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୧ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ ।

## ବୟସ ଜାଲିଆତି ଅଭିଯୋଗ ୩୦ ଜୁନିୟର କୁସ୍ତିଯୋଦ୍ଧାଙ୍କୁ ସସପେଣ୍ଡ୍ କଲା ଡବ୍ଲ୍ୟୁଏଫ୍‌ଆଇ

ନୂଆଦିଲ୍ଲୀ, ୮/୬: ବୟସ ଜାଲିଆତି କରିବା ଅଭିଯୋଗରେ ୩୦ଜଣ ଜୁନିୟର କୁସ୍ତିଯୋଦ୍ଧାଙ୍କୁ ସସପେଣ୍ଡ୍ କରିଛି ଡବ୍ଲ୍ୟୁଏଫ୍‌ଆଇ (ଭାରତୀୟ କୁସ୍ତି ସଂଘ) । ନକଲି ଜନ୍ମ ପ୍ରମାଣ ପତ୍ର ଦେଇ ଜୁନିୟର ବର୍ଗରେ କିଛି କୁସ୍ତିଯୋଦ୍ଧା ଖେଳୁଥିବା ବିଷୟରେ ୪୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ରହିଥିଲା । ଡବ୍ଲ୍ୟୁଏଫ୍‌ଆଇ ଅଭିଯୋଗର ତଦନ୍ତ କରି ପ୍ରଥମ ପର୍ଯ୍ୟାୟରେ ୩୦ଜଣଙ୍କୁ ସସପେଣ୍ଡ୍ କରିଛି । ହରିୟାଣାର କିଛି କୁସ୍ତିଯୋଦ୍ଧା ମିଥ୍ୟା ଜନ୍ମ ପ୍ରମାଣ ପତ୍ର ଦେଇ ଗତ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଭାଗ ନେଇଥିଲେ । ସେମାନେ ଦିଲ୍ଲୀରେ ଜନ୍ମ ହୋଇଥିବା ଦର୍ଶାଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଜଣ ପଦକ ମଧ୍ୟ ଜିତିଥିଲେ । ରୋହିଣୀ ଓ ନରେଲାରେ ଜନ୍ମ ପ୍ରମାଣ ପତ୍ର ଦେଇ କୁସ୍ତିଯୋଦ୍ଧାମାନେ ଜୁନିୟର ବର୍ଗର ବିଭିନ୍ନ ପ୍ରତିଯୋଗିତାରେ କିଛି ବର୍ଷ ହେଲା ଭାଗ ନେଇ ଆସୁଛନ୍ତି ।

## ୧୩ରୁ ଆରମ୍ଭ ହେବ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା

ଧର୍ମଶାଳା, ୮।୬ : ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରଠାରେ ୭୦ ତମ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ଥର ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ମୋଟ୍ ୩୨ଟି ପୁରୁଷ ଓ ମହିଳା ଦଳ ଭାଗନେବେ । ଏନେଇ ଯାଜପୁର କବାଡ଼ି ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ପ୍ରତିବର୍ଷ ରଜ ପର୍ବ ଅବସରରେ ଏହି ଖଣ୍ଡିତର ଠାରେ ଯାଜପୁର କବାଡ଼ି ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଚଳିତବର୍ଷ ଜୁନ୍ ୧୩ଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା । ସେହିପରି ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି । ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୩୨ଟି ପୁରୁଷ ଓ ମହିଳା ଦଳ ଭାଗ ନେବେ । ପୁରୁଷ ବର୍ଗରେ ବିଜୟୀ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧ ଲକ୍ଷ ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଦଳକୁ ୬୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ସେହିପରି ମହିଳା ବର୍ଗରେ ବିଜୟୀ ଦଳକୁ ୫୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଦଳକୁ ୩୦ ହଜାର ଓ ତୃତୀୟ ସ୍ଥାନରେ ରହିଥିବା ଦଳକୁ ୨୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ । ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ଏହି ପ୍ରତିଯୋଗିତାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ସାମିଲ ହେବେ ବୋଲି ଆୟୋଜକ ଆଶା ରଖିଛନ୍ତି ।

## ଅକ୍ଟୋବରରେ କେରଳ ଆସିବେ ଷ୍ଟାର ଫୁଟବଲର ମେସି



ନୂଆଦିଲ୍ଲୀ, ୮/୭: ପୂର୍ବ ଘୋଷଣା ଅନୁସାରେ ଆର୍ଜେଣ୍ଟିନା ଫୁଟବଲ ଦଳ ଭାରତ ଗସ୍ତରେ ଆସି କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବ । ଏନେଇ କେରଳ ସରକାର ପ୍ରସ୍ତୁତି ଚଳାଇଥିବା କ୍ରୀଡ଼ମନ୍ତ୍ରୀ ଭି.ଅବଦୁରାହିମାନ କହିଛନ୍ତି । ସେ କହିଛନ୍ତି, 'ମ୍ୟାଚ୍ ଆୟୋଜନ ନେଇ ପ୍ରାୟୋଜକ ଯୋଗାଡ଼ ହୋଇସାରିଛି । ସେମାନେ ମ୍ୟାଚ୍ ଫି ଦେବାକୁ ରାଜି ହୋଇଛନ୍ତି ।' ଆର୍ଜେଣ୍ଟିନା ଦଳ ସହ ଷ୍ଟାର ଖେଳାଳି ଲିଓନେଲ ମେସି ମଧ୍ୟ ଆସିବେ । ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବର ମାସରେ ମ୍ୟାଚ୍ ଖେଳାଯିବ । ମ୍ୟାଚର ଅବ୍ୟବହିତ ପୂର୍ବରୁ ତାରିଖ ଓ ଭେନ୍ୟୁ ଘୋଷଣା କରାଯିବ । 'ଆର୍ଜେଣ୍ଟିନା ଦଳକୁ ରାଜ୍ୟ ଅତିଥିର ମାନ୍ୟତା ଦିଆଯିବ । ରାଜ୍ୟ ସରକାର ଖେଳାଳିଙ୍କର ସୁରକ୍ଷା, ରହିବା ଏବଂ ଅନ୍ୟାନ୍ୟ କଥା ବୁଝିବେ । ଦଳ ସହ ମେସି ଆସିବେ ବୋଲି କ୍ରୀଡ଼ାମନ୍ତ୍ରୀ ଅବଦୁରାହିମାନ ସୋସିଆଲ ମିଡିଆରେ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି ।

## ରୋହିତ ଶର୍ମା ଓ ବିରାଟ କୋହଲିଙ୍କର ଟେଷ୍ଟ କ୍ରିକେଟରୁ ଅବସର ଲଜ୍ଜାଜନକ : କ୍ରିସ୍ ୱୋକ୍ସ



ନୂଆଦିଲ୍ଲୀ, ୮।୬: ରେଡ୍ ବଲ କ୍ରିକେଟରୁ ଅବସର ନେଇଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା । ଦୁଇ ବରିଷ୍ଠ ଖେଳାଳିଙ୍କ ବିନା ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଟିମ୍ ଇଣ୍ଡିଆ । ଶୁବମନ ଗିଲଙ୍କ ନେତୃତ୍ୱରେ ଇଂଲଣ୍ଡରେ ପହଞ୍ଚି ସାରିଛନ୍ତି ଭାରତ । ତେବେ ରୋହିତ ଓ କୋହଲିଙ୍କ ଟେଷ୍ଟରୁ ସନ୍ନ୍ୟାସ ନେବା ନେଇ କଣ କହିଛନ୍ତି ଇଂଲଣ୍ଡର ବୋଲି କ୍ରିସ୍ ୱୋକ୍ସ । ଜାଣନ୍ତୁ ଏହି ରିପୋର୍ଟରେ । ୬ମାସ ହେବ ଖେଳରୁ ଦୂରରେ ଥିବା ଇଂଲଣ୍ଡର ଦ୍ରୁତ ବୋଲର କ୍ରିସ୍ ୱୋକ୍ସ କହିଛନ୍ତି, ''ରୋହିତ ଶର୍ମା ଓ ବିରାଟ କୋହଲିଙ୍କର ଟେଷ୍ଟ କ୍ରିକେଟରୁ ଅବସର ଲଜ୍ଜାଜନକ । ଏବେ ସେମାନେ ଟେଷ୍ଟ କ୍ରିକେଟ ଖେଳିବେ ନାହିଁ । ଯାହା ଖେଳ ପାଇଁ ଠିକ୍ ନୁହେଁ । ଗତ କିଛି ବର୍ଷ ହେବ ବିରାଟ ଓ ରୋହିତଙ୍କ ସହିତ ଭଲ ଲଢେଇ ହୋଇଛି । ଖେଳ ପାଇଁ ଏହା ବହୁତ ଲଜ୍ଜା କଥା ଯେ ଏବେ ସେମାନେ ଆଉ ଖେଳିବେ ନାହିଁ । ଟିମ୍ ଇଣ୍ଡିଆରେ ଏହି ଦୁଇ ବରିଷ୍ଠ ଖେଳାଳି ନରହିବା ବ୍ୟାଟିଂ ବିଭାଗରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ମାତ୍ର ଭାରତୀୟ କ୍ରିକେଟ ଟିମ୍‌କୁ ଯେଉଁ ଖେଳାଳି ଆସନ୍ତି ସେ ବହୁତ ଉଚ୍ଚସ୍ତରର ହୋଇଥାନ୍ତି । ସେମାନେ ନିଜକୁ ପ୍ରମାଣିତ କରିଥାନ୍ତି ।'' ସେହିପରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରଶଂସା କରି କ୍ରିସ୍ ୱୋକ୍ସ କହିଛନ୍ତି, ''ସେମାନଙ୍କ ବିପକ୍ଷରେ ବୋଲିଂ କରିବା କଷ୍ଟକର ହେବ । ପରିସ୍ଥିତି ଯେମିତି ବି ହେଉ ସେମାନଙ୍କ ବିପକ୍ଷରେ କେଉଁଠି ବି ଖେଳନ୍ତୁ । ଭାରତୀୟ ବ୍ୟାଟ୍ସମ୍ୟାନ ବହୁତ ଭଲ ରହିଥାନ୍ତି । ଏହା ଏକ କଠିନ ଚ୍ୟାଲେଞ୍ଜ ହେବ । କେଏଲ ରାହୁଲ ବହୁତ ଭଲ ଫର୍ମରେ ଅଛନ୍ତି ।'' ୨୦ରୁ ଶୁବମନଙ୍କ ସହ ନୂଆ ଯୁଗର ଶୁଭାରମ୍ଭ- ରୋହିତ ଓ ବିରାଟଙ୍କ ଅବସର ପରେ ଭାରତୀୟ ଟେଷ୍ଟ କ୍ରିକେଟ ଦଳର ନୂଆ ଅଧିନାୟକ ହୋଇଛନ୍ତି ଷ୍ଟାର ଖେଳାଳି ଶୁବମନ ଗିଲ୍ । ଆସନ୍ତା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁବମନଙ୍କ ସହ ନୂଆ ଯୁଗର ଆରମ୍ଭ କରିବ ଭାରତୀୟ କ୍ରିକେଟ ଦଳ । ଇଂଲଣ୍ଡରେ ଭାରତ ୫ଟି ଟେଷ୍ଟ ମ୍ୟାଚ ଖେଳିବ । ୨୦ରୁ ହେଡିଂଲେରେ ପ୍ରଥମ ମ୍ୟାଚ ଖେଳାଯିବ । ଆଇସିସି ବିଶ୍ୱ ଟେଷ୍ଟ ଚମ୍ପିଆନସିପ ୨୦୨୫-୨୭ ଚକ୍ରରେ ଇଂଲଣ୍ଡ ବିପକ୍ଷରେ ଭାରତ ଅଭିଯାନ ଆରମ୍ଭ କରିବ । ଟେଷ୍ଟ ସିରିଜ ପୂର୍ବରୁ ପ୍ରଥମେ ରୋହିତ ଶର୍ମା ଓ ପରେ ବିରାଟ କୋହଲି ରେଡ୍ ବଲ କ୍ରିକେଟରୁ ଅବସର ଘୋଷଣା କରିଥିଲେ ।

## ଶୂନ୍ୟରେ ଆଉଟ୍ ହୋଇନାହାଁନ୍ତି ୪ ବ୍ୟାଟ୍ସମ୍ୟାନ

ନୂଆଦିଲ୍ଲୀ, ୮।୭ : କ୍ରିକେଟ ଜଗତରେ ଜଣଙ୍କ ପରେ ଜଣେ ଧୂଆଁଧାର ବ୍ୟାଟ୍ସମ୍ୟାନ ସାମ୍ନାକୁ ଆସୁଛନ୍ତି । ହେଲେ ଆପଣ ଜାଣିଛନ୍ତି କି, ବିଶ୍ୱର ଏଭଳି କିଛି ବ୍ୟାଟ୍ସମ୍ୟାନ ରହିଛନ୍ତି, ଯେଉଁମାନେ ସେମାନଙ୍କ କ୍ରିକେଟ ଜୀବନରେ କେବେ ବି ଶୂନ୍ୟରେ ଆଉଟ୍ ହୋଇନାହାଁନ୍ତି ।

ଜ୍ୟାକ୍ସ ରୁଡୋଲ୍ଫ (ସାଉଥ୍ ଆଫ୍ରିକା)
ସାଉଥ୍ ଆଫ୍ରିକାର ବ୍ୟାଟ୍ସମ୍ୟାନ ଜ୍ୟାକ୍ସ ରୁଡୋଲ୍ଫ ୪୫ ଟି ଏକଦିବସୀୟ ଖେଳି ୧୧୭୪ ରନ୍ କରିଛନ୍ତି । ଏହା ମଧ୍ୟରେ ରହିଛି ୭ ଅର୍ଦ୍ଧଶତକ । ଏକଦିବସୀୟ କ୍ୟାରିୟରରେ ସେ ୬ ଥର ନଟଆଉଟ୍ ରହିଛନ୍ତି । ତାଙ୍କର ସର୍ବାଧିକ ସ୍କୋର ୮୧ ରନ୍ । ହେଲେ ଏପର୍ଯ୍ୟନ୍ତ ସେ ଏକଦିବସୀୟ ମ୍ୟାଚରେ କେବେ ବି ଶୂନ୍ୟରେ ଆଉଟ୍ ହୋଇନାହାଁନ୍ତି ।

ଯଶପାଲ ଶର୍ମା (ଭାରତ)
ଏହି ତାଲିକାରେ ଭାରତର ଏକମାତ୍ର ବ୍ୟାଟ୍ସମ୍ୟାନଙ୍କ ନାମ ରହିଛି । ସେ ହେଉଛନ୍ତି ଯଶପାଲ ଶର୍ମା । ୪୨ ଟି ଏକଦିବସୀୟ ଖେଳି ସେ ୮୮୩ ରନ କରିଛନ୍ତି । ଯାହା ମଧ୍ୟରେ ରହିଛି ୪ ଟି ଅର୍ଦ୍ଧଶତକ । ଏକଦିବସୀୟରେ ତାଙ୍କର ସର୍ବାଧିକ ରନ୍ ରହିଛି ୮୯ ରନ । ସେ ଏକଦିବସୀୟ ମ୍ୟାଚରେ କେବେ ବି ଶୂନ୍ୟରେ ଆଉଟ୍ ହୋଇନାହାଁନ୍ତି ।

ପିଟର କ୍ରିଷ୍ଟନ: (ସାଉଥ୍ ଆଫ୍ରିକା)
ସାଉଥ୍ ଆଫ୍ରିକାର ବ୍ୟାଟ୍ସମାନ ପିଟର କିଷ୍ଟନ ୩ ବର୍ଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ସେ ୪୦ ଟି ଏକଦିବସୀୟ ମ୍ୟାଚ ଖେଳି ୧୨୯୩ ରନ୍ କରିଛନ୍ତି । ସେ ୬ ଥର ନଟଆଉଟ୍ ରହିବା ସହ କେବେ ବି ଶୂନ୍ୟରେ ଆଉଟ୍ ହୋଇନାହାଁନ୍ତି ।

କେପ୍ଲର ବେସେଲ୍ସ (ସାଉଥ୍ ଆଫ୍ରିକା)
କେପ୍ଲର ବେସେଲ୍ସ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ଦୁଇଦେଶ ପାଇଁ କ୍ରିକେଟ୍ ଖେଳିଛନ୍ତି । ୧୦ ବର୍ଷ କ୍ୟାରିୟରରେ ସେ ୧୦୯ ଟି ଏକଦିବସୀୟ ଖେଳି ୩୩୬୭ ରନ କରିଛନ୍ତି । ତା ମଧ୍ୟରେ ୨୬ ଟି ଅର୍ଦ୍ଧଶତକ କରିଛନ୍ତି । ତାଙ୍କର ସର୍ବାଧିକ ସ୍କୋର ୧୦୭ ରନ ରହିଛି । ସେ ୭ ଥର ନଟ୍‌ଆଉଟ୍ ରହିଥିବା ବେଳେ କେବେ ବି ଶୂନ୍ୟରେ ଆଉଟ୍ ହୋଇନାହାଁନ୍ତି ।

## ଇତିହାସ ରଚିଲେ କୋକୋ ଗଫ୍



ନୂଆଦିଲ୍ଲୀ ୮।୬: ଫ୍ରେଞ୍ଚ୍ ଓପନ୍ ମହିଳା ଏକକ ବର୍ଗ ଫାଇନାଲ୍ ଜିତି ଆମେରିକାର କୋକୋ ଗଫ୍ ଇତିହାସ ରଚିଛନ୍ତି । ଫାଇନାଲ୍‌ରେ ସେ ଦୁନିଆର ଏକ ନମ୍ବର ଖେଳାଳି ଏରିନା ସାବାଲେଙ୍କାକୁ ହରାଇଛନ୍ତି । କୋକୋ ଗଫ୍ ପ୍ରଥମ ସେଟ୍ ହାରିବା ପରେ ଜୋରଦାର କମ୍‌ବ୍ୟାକ୍ କରି ସାବାଲେଙ୍କାଙ୍କୁ ୬-୭, ୬-୨, ୬-୪ରେ ପରାସ୍ତ କରିଛନ୍ତି । ଏହାସହ କୋକୋ ନିଜର ପ୍ରଥମ ରୋଲାଣ୍ଡ ଗାରୋସ ଟାଇଟଲ୍ ଜିତିଛନ୍ତି । ପ୍ରଥମ ସେଟ୍‌କୁ କଡ଼ା ମୁକାବିଲାରେ ହାରିବା ପରେ କୋକୋ ନିଜ ଗିୟର ବଦଳାଇଥିଲେ ଓ ପରବର୍ତ୍ତୀ ଦୁଇ ସେଟ୍‌ରେ ସାବାଲେଙ୍କାଙ୍କୁ ଫେରିବାର ସୁଯୋଗ ଦେଇନଥିଲେ । ଫ୍ରେଞ୍ଚ ଓପନ୍ ଜିତିବା ପରେ କୋକୋ ଗଫ୍ ଷ୍ଟାଣ୍ଡରେ ଉପସ୍ଥିତ ନିଜ ମାଆ ଓ କୋଚ୍‌ଙ୍କୁ ଆଲିଙ୍ଗନ କରି ନିଜ ବିଜୟ ଖୁସି ମନାଇଥିଲେ । ଦ୍ୱିତୀୟ ରାଙ୍କିରେ ଗଫ୍ ଏହା ପୂର୍ବରୁ ୨୦୨୩ରେ ଆମେରିକୀୟ ଓପନ୍ ଜିତିଥିଲେ । ରୋଲାଣ୍ଡ ଗାରୋସରେ ୨୦୧୩ ପରେ ପ୍ରଥମ ଥର ପାଇଁ ଦୁନିଆର ଏକ ନମ୍ବର ଓ ଦୁଇ ନମ୍ବର ଖେଳାଳିଙ୍କ ମଧ୍ୟରେ ମୁକାବିଲା ଖେଳାଯାଇଥିଲା । ୧୨ ବର୍ଷ ପୂର୍ବେ ମାରିଆ ସାରାପୋଭାଙ୍କୁ ହରାଇ ସାରେନା ୱିଲିୟମ୍ସ ଟାଇଟଲ୍ ଜିତିଥିଲେ । ଗତ ୩୦ ବର୍ଷରେ ଏହା ଦ୍ୱିତୀୟ ଥର, ଯେତେବେଳେ ଦୁଇ ଶୀର୍ଷ ଖେଳାଳିଙ୍କ ମଧ୍ୟରେ ଏହି ମୁକାବିଲା ହୋଇଥିଲା । ତିନି ବର୍ଷ ପୂର୍ବେ ଫ୍ରେଞ୍ଚ୍ ଓପନ୍‌ରେ ପଦାର୍ପଣ କରିଥିବା ୧୮ ବର୍ଷୀୟ ଗଫ୍ ଫାଇନାଲ୍‌ରେ ପରାଜିତ ହୋଇଥିଲେ । ସେ ଏଥର ଫ୍ରାନ୍ସର ୱାଇଲ୍‌ଡ କାର୍ଡଧାରୀ ଲୋଇ ବୋଇସୋଙ୍କୁ ୬-୧, ୬-୨ରେ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲେ । ସାବାଲେଙ୍କା ମେ'ରେ ମାଡ୍ରିଡ୍ ଓପନ୍‌ରେ ଗଫ୍‌ଙ୍କୁ ହରାଇଥିଲେ ।

## ରିଙ୍କୁ ସିଂହ ମୁଦି ପିନ୍ଧାଇବା ମାତ୍ରେ ଭୋ ଭୋ ହୋଇ କାନ୍ଦି ପକାଇଲେ ପ୍ରିୟା ସରୋଜ

ଲକ୍ଷ୍ନୌ, ୮।୬: ଟିମ୍ ଇଣ୍ଡିଆର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ରିଙ୍କୁ ସିଂହ ଏବଂ ଜୌନପୁରର ମଛଲିଶହରର ଏମପି ପ୍ରିୟା ସରୋଜଙ୍କ ନିର୍ବନ୍ଧ ଶେଷ ହୋଇଛି । ରବିବାର, ଜୁନ ୮ ତାରିଖରେ ଲକ୍ଷ୍ନୌର ପଞ୍ଚତାରକା ହୋଟେଲ ଦି ସେଣ୍ଟ୍ରମରେ ପରିବାର ଏବଂ ବନ୍ଧୁମାନଙ୍କ ଉପସ୍ଥିତିରେ ଉଭୟେ ମୁଦି ବଦଳ କରିଥିଲେ । ଏହି ସମୟରେ ରିଙ୍କୁ ପ୍ରିୟା ସରୋଜଙ୍କ ଆଙ୍ଗୁଠିରେ ମୁଦି ପିନ୍ଧିବା ମାତ୍ରେ ସେ କାନ୍ଦିବାକୁ ଲାଗିଥିଲେ । ଏହା ପରେ ରିଙ୍କୁ ତାଙ୍କୁ ସାନ୍ତ୍ୱନା ଦେଇଥିଲେ । ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ତାଙ୍କ ପତ୍ନୀ ଡିମ୍ପଲ ଯାଦବ ଏହି ନିର୍ବନ୍ଧ ସମାରୋହରେ ପହଞ୍ଚିଥିଲେ । ଏହା ବ୍ୟତୀତ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏବଂ ଜୟା ବଚ୍ଚନ ମଧ୍ୟ ରିଙ୍କୁ ଏବଂ ପ୍ରିୟାକୁ ଆଶୀର୍ବାଦ ଦେବା ପାଇଁ ସେଠାରେ ପହଞ୍ଚିଥିଲେ । ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ପ୍ରବୀଣ କୁମାର ଏବଂ ପୀୟୁଷ ଚାୱଲାଙ୍କ ବ୍ୟତୀତ ୟୁପି ରଣଜୀ ଦଳର ଅଧିନାୟକ ଆର୍ଯ୍ୟନ ଜୁୟାଲ ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ । ରିଙ୍କୁ ନିର୍ବନ୍ଧରେ ଧଳା ଶେରୱାନି ପିନ୍ଧିଥିଲେ । ସେହିଭଳି ପ୍ରିୟା ଗୋଲାପୀ ରଙ୍ଗର ଲେହେଙ୍ଗାକୁ ବାଛିଥିଲେ । ଷ୍ଟେଜରେ ପହଞ୍ଚିବା ମାତ୍ରେ ପ୍ରିୟା ଭାବପ୍ରବଣ ହୋଇଯାଇଥିଲେ । ତାଙ୍କ ଆଖିରୁ ଲୁହ ବାହାରି ଆସିଥିଲା, କିନ୍ତୁ ରିଙ୍କୁ ତାଙ୍କୁ ସମ୍ଭାଳି ନେଇଥିଲେ । ଏହା ପରେ ଦୁହେଁ ହସି ଫଟୋ ଲାଗି ପୋଜ ଦେଇଥିଲେ । ଏହି ଉତ୍ସବରେ ପ୍ରାୟ ୩୦୦ ଅତିଥି ପହଞ୍ଚିଥିଲେ । ଯେଉଁଥିରେ ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ, ଶିବପାଲ ସିଂହ ଯାଦବ, ଏମପି ରାଜୀବ ରାୟ, ଜିଆଉର ରହମାନ ବାର୍କ, ମୋହିବୁଲ୍ଲା ନଦଭି ସାମିଲ ଥିଲେ । ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜ ଅଙ୍ଗୁଠି ସମାରୋହ ପାଇଁ ପରସ୍ପର ପାଇଁ ସ୍ୱତନ୍ତ୍ର ମୁଦି ଅର୍ଡର କରିଥିଲେ । ଏସ୍‌ପି ସାଂସଦ କୋଲକାତାରୁ ଏକ ଡିଜାଇନର ମୁଦି କିଣିଥିଲେ ଯେତେବେଳେ ରିଙ୍କୁ ସିଂହ ମୁମ୍ବାଇରୁ ଏକ ସ୍ୱତନ୍ତ୍ର ମୁଦି ଅର୍ଡର କରିଥିଲେ । ଉଭୟ ମୁଦିର ମୋଟ ମୂଲ୍ୟ ପ୍ରାୟ ୨.୫ ଲକ୍ଷ ଟଙ୍କା ବୋଲି କୁହାଯାଉଛି । ଏହି ସମୟରେ ଖାଦ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ରିଙ୍କୁ ଏବଂ ପ୍ରିୟାଙ୍କ ବିବାହ ୧୮ ନଭେମ୍ବରରେ ବାରାଣସୀର ହୋଟେଲ ତାଜରେ ଅନୁଷ୍ଠିତ ହେବ । କ୍ରିକେଟ ତାରକା, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଏବଂ ଶିଳ୍ପପତିମାନେ ଏହି ଉତ୍ସବରେ ଯୋଗ ଦେବେ । ଏହାର ପ୍ରସ୍ତୁତି ଦ୍ରୁତ ଗତିରେ ଚାଲିଛି ।



Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar